ଧରିତ୍ରୀ
DHARITRI

February 20-26, 2022 ₹2/-

ଛୁଟିଦିନ

# ସେଲିବ୍ରିଟିଙ୍କ ଫ୍ୟାନ୍

ଫ୍ୟାନ୍ ସିଏ, ଯେ ନିଜ ପ୍ରିୟ ତାରକାଙ୍କ ଖୁସିରେ ଖୁସି ହୁଅନ୍ତି, ତାଙ୍କ ଦୁଃଖରେ ଦୁଃଖୀ ହୁଅନ୍ତି । ତାଙ୍କୁ ଭଲ ପାଆନ୍ତି ଜୀବନଠୁ ବେଶି । ବେଳେ ବେଳେ ନିଜର ପ୍ରିୟ ମଣିଷଙ୍କୁ ଟିକେ ପାଖରେ ପାଇବା, ତାଙ୍କର ଟିକେ ଝଲକ ଦେଖିବା ପାଇଁ ସେମାନେ କରି ବସନ୍ତି କେତେ ଯେ ପାଗଳାମି । ଆଉ ଏଇ ପାଗଳାମି ଓ ଭଲ ପାଇବା ହିଁ ସେଲିବ୍ରିଟିଙ୍କୁ ପହଞ୍ଚାଏ ସଫଳତାର ଶୀର୍ଷରେ । ଯାହାର ଯେତେ ଫ୍ୟାନ୍ ସେ ସେତେ ପ୍ରସିଦ୍ଧ । ସେହିଭଳି ବିନା ଫ୍ୟାନ୍‌ରେ ସେଲିବ୍ରିଟିଙ୍କର ବି ଅସ୍ତିତ୍ୱ ରହେନା । ସେଲିବ୍ରିଟି ଓ ଫ୍ୟାନ୍‌ଙ୍କ ମଧ୍ୟରେ ଥିବା ଏଇ ନିଆରା ସମ୍ପର୍କକୁ ନେଇ ଏଥରର ପ୍ରଚ୍ଛଦ...

୩
ପ୍ରଚ୍ଛଦ ପ୍ରସଙ୍ଗ



# ଉପକାରୀ ବୃକ୍ଷ

**ପ୍ରକୃତି ସହ ଜଡ଼ିତ ପ୍ରତ୍ୟେକଟି ଜିନିଷକୁ ଈଶ୍ୱରଙ୍କର ଗୋଟିଏ ଗୋଟିଏ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ; ଯେମିତି କି ବୃକ୍ଷଲତା। ବାସ୍ତୁଶାସ୍ତ୍ର ଅନୁଯାୟୀ ଏମିତି ବି କିଛି ବୃକ୍ଷଲତା ରହିଛି ଯାହାକୁ ଘରେ ଲଗାଇଲେ ଅନେକ କିଛି ଶୁଭଫଳ ମିଳିଥାଏ। ଯେମିତିକି :**

* ତୁଳସୀ ଗଛକୁ ପବିତ୍ରତାର ସ୍ୱରୂପ ବୋଲି କୁହାଯାଇଥାଏ। ତେଣୁ ଘରର ଉତ୍ତର ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ।



* ଏରିକା ପାମ୍ ବୃକ୍ଷକୁ ଲକି ପ୍ଲାଣ୍ଟ ବୋଲି କୁହାଯାଇଥାଏ। ଏହି ବୃକ୍ଷକୁ ଘରେ ଲଗାଇଲେ ଘରର ବାୟୁ ସ୍ୱଚ୍ଛ ନିର୍ମଳ ରହିବା ସହିତ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ; ଫଳରେ ଐଶ୍ୱର୍ଯ୍ୟ ବୃଦ୍ଧି କରାଇବାରେ ଏହା ସାହାଯ୍ୟ କରିଥାଏ।

* କୁହାଯାଏ, କଦଳୀ ଗଛର ଛାଇରେ ବସି ପାଠ ପଢ଼ିଲେ ପାଠ ଶୀଘ୍ର ମନେ ରହିଯାଏ। କାରଣ ଏହି ଗଛ ସ୍ମରଣ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ। ତେଣୁ ଏହି ଗଛକୁ ଘର ଅଗଣାରେ କିମ୍ବା ବାଡ଼ିପଟେ ଲଗାଇବା ଶୁଭ ହୋଇଥାଏ।

* ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ କଣ୍ଟାଥିବାବାଲା କୌଣସି ଗଛ ଲଗାଇବା ଉଚିତ୍ ନୁହେଁ। କିନ୍ତୁ ଗୋଲାପ ଗଛ ଲଗାଇହେବ। କାରଣ ଏହା ଘରର ସଦସ୍ୟଙ୍କ ଭିତରେ ଭଲପାଇବା ବୃଦ୍ଧି କରାଇବା ସହ ଘରର ଐଶ୍ୱର୍ଯ୍ୟକୁ ମଧ୍ୟ ବୃଦ୍ଧି କରିଥାଏ।

* ଧଳା ଅପରାଜିତା ଫୁଲ ଫୁଟୁଥିବା ଗଛ ଘରେ ଲଗାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ। ଏହାଦ୍ୱାରା ଘରେ ଧନବୃଦ୍ଧି ହୁଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨୦-୨୬

**ମେଷ**
ଆରୋଗ୍ୟ ଲାଭ, ଆର୍ଥିକ ଅଭିବୃଦ୍ଧି, ନୂତନ ବନ୍ଧୁତ୍ୱ, ସ୍ଥିରୀକୃତ ଯୋଜନାରମ୍ଭ, ସାମାଜିକ ସମ୍ମାନ, ଦୂରଦର୍ଶିତାର ଅଭାବ, ଭୁଲ୍ ନିଷ୍ପତ୍ତିରୁ ସମସ୍ୟା, ଅଶାନ୍ତ ବାତାବରଣ, ନୂତନ ସ୍ଥାନ ପରିଦର୍ଶନ, କାର୍ଯ୍ୟସିଦ୍ଧି।

**ବୃଷ**
ମାନସିକ ସୁସ୍ଥତା, ବନ୍ଧୁ ସମ୍ପର୍କ, ସାହିତ୍ୟ ଚର୍ଚ୍ଚା, ଯୋଗ ସାଧନା, କଳାରୁ ସମ୍ମାନ, ବନ୍ଧୁଙ୍କ ପ୍ରତିଶ୍ରୁତି, ଜମିଜମା ସମ୍ପର୍କିତ ବିବାଦ, ସନ୍ତାନଙ୍କ କୃତିତ୍ୱ, ବିବାଦରେ ପରାଜୟ, ବ୍ୟବସାୟିକ ଅବନତି, ବିଦେଶ ଯାତ୍ରାର ପ୍ରସ୍ତୁତି।

**ମିଥୁନ**
ନୂତନ କର୍ମାରମ୍ଭ, ଭ୍ରାତୃ ସମ୍ପର୍କରେ ଅବନତି, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସଦ୍ଭାବ, ଗବେଷଣାରୁ ସମ୍ମାନ, ସହକର୍ମୀଙ୍କ ଅସହଯୋଗ, ସାଂଗଠନିକ ଆଲୋଚନା, ଆନୁଷ୍ଠାନିକ କାର୍ଯ୍ୟ, ଆର୍ଥିକ ଅନଟନ, ଯାତ୍ରାରେ ସଫଳତା।

**କର୍କଟ**
ନୂତନ ଯୋଜନାରମ୍ଭ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ବୁଝାମଣାରେ ବିଫଳତା, ସ୍ଥଗିତ ବିଦେଶ ଯାତ୍ରା, ବ୍ୟବସାୟ ବାଣିଜ୍ୟରେ ଅଗ୍ରଗତି, ପ୍ରତିବନ୍ଧକ ଦେଖାଦେବ, ଅସାବଧାନତାରୁ ଧନହାନି।

**ସିଂହ**
ଶୁଭଖବର ପ୍ରାପ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଆର୍ଥିକ ଅନଟନ, ସମ୍ପର୍କୀୟଙ୍କ ଭୁଲ୍ ଧାରଣା। ପ୍ରଶାସନିକ ସ୍ଥିରତା, ରାଜନୈତିକ ସଂଘର୍ଷ, ମକଦ୍ଦମାରେ ବାଇଦା, ଯାନବାହନ ମରାମତି, ବନ୍ଧୁଙ୍କ ପରାମର୍ଶ, ସଭାସମିତିକୁ ଆହ୍ୱାନ।

**କନ୍ୟା**
କର୍ମକ୍ଷେତ୍ରରେ ଦକ୍ଷତା, ସହକର୍ମୀଙ୍କ ସାହାଯ୍ୟ, ଯାତ୍ରା ପାଇଁ ପ୍ରସ୍ତୁତି, ନିର୍ମାଣର ପୂର୍ଣ୍ଣତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଶାରୀରିକ ସୁସ୍ଥତା, ଆର୍ଥିକ ଉନ୍ନତି, ପଦୋନ୍ନତିର ସୂଚନା, ଗୁରୁଜନଙ୍କ ପରାମର୍ଶ।

**ତୁଳା**
ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁମାନଙ୍କ ପ୍ରଶଂସା, ସାମାଜିକ ସ୍ୱୀକୃତି, ଋଣ ପରିଶୋଧ, ମାନସିକ ଶାନ୍ତି, ଯାତ୍ରାରେ ଯୁକ୍ତିତର୍କ, ଅବହେଳାରୁ କର୍ମହାନି, ପାରିବାରିକ ଶାନ୍ତି, ଯଶସମ୍ମାନ ପ୍ରାପ୍ତି, ପ୍ରକାଶନରେ ବିଳମ୍ବ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ବିଛା**
ନୂତନ କର୍ମାରମ୍ଭ, ପୁରୁଣା ସମ୍ପର୍କ ଫେରିବ, ଖୋଜୁଥିବା ଜିନିଷ ପାଇବେ, ଅଭିଳାଷ ପୂରଣ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଶତ୍ରୁ ପରାଜୟ, ବନ୍ଧୁଙ୍କ ସାହାଯ୍ୟ, ପରିବହନରେ ସମସ୍ୟା, ମନୋରଞ୍ଜନରେ ରୁଚି।

**ଧନୁ**
ଅନୁକୂଳ ପରିସ୍ଥିତି, ସମ୍ପର୍କରେ ନ୍ୟୂନତା, ମାନସିକ ଅଶାନ୍ତି, ପ୍ରତିରୋଧର ସାମ୍ନା, ଭୁଲ୍ ବୁଝାମଣା ଦୂରହେବ, ପାରିବେଶିକ ସମସ୍ୟା, ବନ୍ଧୁମିଳନରୁ ଆନନ୍ଦ, ଧାତୁ ଅଳଙ୍କାର କ୍ରୟ, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, ବନ୍ଧୁଙ୍କ ସୌଜନ୍ୟତା, କ୍ରନିକ୍ ରୋଗରେ ପୀଡ଼ା।

**ମକର**
ଦୁଃସାହସିକ ପଦକ୍ଷେପ, ଆତ୍ମୀୟସ୍ୱଜନଙ୍କ ଅସହଯୋଗ, ପରିସ୍ଥିତିରେ ସୁଧାର, ଯାତ୍ରାରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଲାଭ, ରାଜନୀତିରେ ଯଶ ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଶୌଚଖବର ପ୍ରାପ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟା ବୃଦ୍ଧି, ଲକ୍ଷ୍ୟ ହାସଲରେ ବାଧା, ସଙ୍ଗୀତ ସାଧନାରେ ରୁଚି, ସଭା ସମିତିକୁ ଆମନ୍ତ୍ରଣ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଗୁପ୍ତ କ୍ରନିକ ରୋଗରେ ପୀଡ଼ା, ଧର୍ମକାର୍ଯ୍ୟରେ ସହଯୋଗ, ଧାତୁ ଅଳଙ୍କାର କ୍ରୟ, ମିତ୍ରବନ୍ଧୁରେ କୁଶଳ।

**ମୀନ**
ମାନସିକ ଅଶାନ୍ତି, ପରିଜନଙ୍କ ଅସହଯୋଗ, କାର୍ଯ୍ୟ ଅଟକି ରହିବ, କଚେରି ମାମଲାରେ ବିଜୟ, ଅପବାଦ ପାଇବେ, ଏଜେନ୍ସିପର ପ୍ରସାର, ଜମିଜମା କ୍ରୟ, ଆଇନ ସହାୟତା, ସମୟୋଚିତ ପଦକ୍ଷେପ, ସଜ୍ଜନ ସମ୍ପର୍କ, ଚାକିରିରେ ସ୍ଥାନାନ୍ତର।

# କିପରି ବଢ଼ିବ ଧନ

ଧନ ଓ ସମୃଦ୍ଧିର ଦେବତା କୁବେର ହେଉଛନ୍ତି ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ତଥା ଟ୍ରେଜେରିକୁ ଏହି ଦିଗରେ ରଖିବା ଦ୍ୱାରା ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ। ସେହିପରି କୁହାଯାଏ, ଉତ୍ତର ଦିଗରେ ଯଦି ନୀଳ ରଙ୍ଗର କୌଣସି ଏକ ଆର୍ଟିଫିସିଆଲ୍ ପିରାମିଡ୍‌କୁ ରଖି ଦିଆଯାଏ, ତା'ହେଲେ ଏହା ଧନବୃଦ୍ଧି କରାଇବାରେ ବେଶ୍ ସହାୟକ ହୋଇଥାଏ। ପିରାମିଡ୍ ନ ମିଳିଲେ ତା'ପରିବର୍ତ୍ତେ ଆପଣ ଚାହିଁଲେ ଏହି ଦିଗର କାନ୍ଥକୁ ନୀଳ ରଙ୍ଗରେ ପେଣ୍ଟିଂ ବି କରିପାରିବେ। ତା'ଛଡ଼ା ଉତ୍ତର ଦିଗରେ କାଚର ବାଉଲ୍‌ରେ କିଛି ରୁପା କଏନ୍ ଭର୍ତ୍ତି କରି ରଖିଲେ ଘର ଉପରେ ମା' ଲକ୍ଷ୍ମୀଙ୍କର କୃପାଦୃଷ୍ଟି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ସେହିପରି ଆପଣ ଚାହିଁଲେ ଘରର ଉତ୍ତର-ପୂର୍ବ ଦିଗରେ ଭଗବାନ ଗଣେଶ ଓ ମା'



ଲକ୍ଷ୍ମୀଙ୍କର ମୂର୍ତ୍ତି ରଖି ସେଠାରେ ଦିନରେ ଥରେ ହେଉନା କାହିଁକି ଦୀପଟିଏ ଜଳାଇଲେ ଘରେ କେବେ ବି ଟଙ୍କା ପଇସାର ଅଭାବ ଦେଖାଯାଇ ନ ଥାଏ ବୋଲି ବିଶ୍ୱାସ କରାଯାଇଥାଏ। ଅନ୍ୟପକ୍ଷେ ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

*ଫଳ ମଧ୍ୟରେ ସେଓର ସ୍ଥାନ ସ୍ୱତନ୍ତ୍ର। ରୋଗୀ ହୁଅନ୍ତୁ ବା ଭୋଗୀ ସମସ୍ତଙ୍କ ପାଇଁ ଖୋଜା ପଡ଼େ ସେଓ। ତେବେ ଦିନ ଥିଲା ଭାରତର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହାର ଚାଷ କରାଯାଉଥିବାବେଳେ ଏବେ ଉନ୍ନତ ଚାଷ ପ୍ରଣାଳୀ ମାଧ୍ୟମରେ ପ୍ରାୟ ସବୁ ଅଞ୍ଚଳରେ ସେଓ ଚାଷ କରାଯାଉଛି। ଯେଉଁଥିରୁ ବାଦ୍ ପଡ଼ିନି ଓଡ଼ିଶା। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ସେଓ'ଟି ସତରେ ବେଶ୍ ଶିକ୍ଷଣୀୟ ଥିଲା। 'କରଜରୁ ମୁକ୍ତି ପାଇବାକୁ ଚାହୁଁଥିଲେ', 'ଲବଙ୍ଗର ଉପକାରିତା' ଆଦି ପାଠ ଦୁଇଟିରୁ ଅନେକ ଅଜଣା କଥା ଶିଖିହେଲା।

***–ଅଶୋକ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ଼, ପୁରୀ***

*ଫଳ ସମସ୍ତଙ୍କର ପ୍ରିୟ। ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟୋପଯୋଗୀ ମଧ୍ୟ। ତେବେ ସବୁ ଫଳ ମଧ୍ୟରେ ସେଓ ସ୍ୱତନ୍ତ୍ର। ଦିନ ଥିଲା ଭାରତର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହା ଚାଷ କରାଯାଉଥିଲା। ହେଲେ ଏବେ ଓଡ଼ିଶାର କେତେଜଣ ଉତ୍ସାହୀ ଯୁବକ ଆରମ୍ଭ କରିଛନ୍ତି କଶ୍ମୀର ସେଓ ଏବଂ ଥାଇଲାଣ୍ଡ ବରକୋଳି ଚାଷ। ତେଣୁ 'ଓଡ଼ିଶାରେ ସେଓ' ନାମକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପ୍ରେରଣାଦାୟୀ ହୋଇଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ଫ୍ଲୋରାଲ୍ ବ୍ଲାଉଜ୍' ସମ୍ପର୍କରେ ବହୁ ନୂଆ କଥା ଶିଖିହେଲା।

***–ମମତା ମିଶ୍ର, ଷ୍ଟେଶନ ବଜାର, ଖୋର୍ଦ୍ଧା***

*ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଲେଖିକା ଡ. କନକମଞ୍ଜରୀ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଭାଗ୍ୟ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଦୋଛକିରେ ପରିଣୀତି', 'ଗିଟାର ପ୍ରିୟ ଆହାନ୍', 'ପ୍ରେମରେ ପଡ଼ିଛନ୍ତି ସାରା', 'ଭାଗ୍ୟବତୀ ସାହେର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ନିଆରା ଥିଲା।

***–କାଳିଆ ଜେନା, ଆଳି, କେନ୍ଦ୍ରାପଡ଼ା***

*ଲେଖିକା ସତ୍ୟବତୀ ସ୍ୱାଇଁଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନୋରମ ଥିଲା। ସାଥୀର ଉତ୍ତରଗୁଡ଼ିକ ରୋମାଣ୍ଟିକ୍ ଲାଗୁଥିଲା। କେଉଁ ଦେଶରେ କ'ଣ କଟକଣା ରହିଛି ସେ ସମ୍ପର୍କିତ ଏକ ଲେଖା ଛୁଟିଦିନରେ ପ୍ରକାଶ ପାଇଥିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ମିଠି ବେଶ୍ ସୁନ୍ଦରୀ ଲାଗୁଥିଲେ। ପବିତ୍ରମୟ ସ୍ଥାନ ହୋର୍ନାଡୁ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***–ରାକେଶ ବଳବନ୍ତରାୟ, ଝାରପଡ଼ା, ଭୁବନେଶ୍ୱର***

*ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସମୁଦ୍ର ଭିତରେ ପେଣ୍ଟିଂ', 'ସବୁଠୁ ଧନୀ ପିଲା', 'ମହିଳାଙ୍କ ପାଇଁ ନୁହେଁ ପୁରୁଷଙ୍କ ଉଦ୍ଦିଷ୍ଟ ଥିଲା ହାଇ ହିଲ୍ସ' ଏବଂ 'ଗୋଟିଏ ବର୍ଷରେ ୨୧ ସନ୍ତାନର ଜନନୀ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଶିକ୍ଷଣୀୟ ବି ଥିଲା।

***–ସ୍ୱପ୍ନାମୟୀ ପ୍ରଧାନ, ଭଦ୍ରକ***



## ବିଶେଷ ଚିଠି

ଛୁଟିଦିନ ଆହେ ଛୁଟିଦିନ
ତୁମପରି କେହି ନୁହେଁ ସମ।
ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ସଭିଙ୍କୁ ବଶ।
ପ୍ରତି ରବିବାରେ ହୁଏ ଦେଖା
ପୁଣି ଥାଏ ଆର ରବିବାରକୁ ଅପେକ୍ଷା।
ପ୍ରଚ୍ଛଦ ତୁମର ଭାରି ବଢ଼ିଆ
ଶିଖାଏ ସିଏ କଥା କେତେ ନୂଆ।
ପ୍ରଭୁଙ୍କୁ କରୁଛି ଏତିକି ମିନତି
ଭଲରେ ରଖିଥାନ୍ତୁ ତୁମକୁ ସେମିତି।

***–ଗୀତାଞ୍ଜଳି ମିଶ୍ର, ମାଟିତୋଟା, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ଫ୍ୟାନ୍ ସିଏ, ଯେ ନିଜ ପ୍ରିୟ ତାରକାଙ୍କ ଖୁସିରେ ଖୁସି ହୁଅନ୍ତି, ତାଙ୍କ ଦୁଃଖରେ ଦୁଃଖୀ ହୁଅନ୍ତି । ତାଙ୍କୁ ଭଲ ପାଆନ୍ତି ଜୀବନଠୁ ବେଶି । ବେଳେ ବେଳେ ନିଜ ପ୍ରିୟର ତାରକାଙ୍କୁ ଟିକେ ପାଖରେ ପାଇବା, ତାଙ୍କର ଟିକେ ଝଲକ ଦେଖିବା ପାଇଁ କରି ବସନ୍ତି କେତେ ଯେ ପାଗଳାମି । ଆଉ ଏଇ ପାଗଳାମି ଓ ଭଲ ପାଇବା ହିଁ ସେଲିବ୍ରିଟିଙ୍କୁ ପହଞ୍ଚାଏ ସଫଳତାର ଶୀର୍ଷରେ। ଯାହାର ଯେତେ ଫ୍ୟାନ୍ ସେ ସେତେ ପ୍ରସିଦ୍ଧ । ତାଙ୍କ ଭଲ ପାଇବା ଓ ପାଗଳାମି ହିଁ ସେଲିବ୍ରିଟିଙ୍କ ଜୀବନର ପୁଞ୍ଜି । କହିବାକୁଗଲେ ଫ୍ୟାନ୍ ଓ ସେଲିବ୍ରିଟି ଦୁହେଁ ଓତପ୍ରୋତଭାବେ ଜଡ଼ିତ । ସେଲିବ୍ରିଟି ଶରୀର ହେଲେ ଫ୍ୟାନ୍ ତାଙ୍କ ପ୍ରାଣ। ପ୍ରାଣ ଛାଡ଼ି ଚାଲିଗଲେ ଶରୀରର ଯେମିତି କିଛି ମାନେ ରହେନା, ସେହିଭଳି ବିନା ଫ୍ୟାନ୍‌ରେ ସେଲିବ୍ରିଟିଙ୍କର ବି ଅସ୍ତିତ୍ୱ ରହେନା । ସେଲିବ୍ରିଟି ଓ ଫ୍ୟାନ୍‌ଙ୍କ ମଧ୍ୟରେ ଥିବା ଏଇ ନିଆରା ସମ୍ପର୍କକୁ ନେଇ ଏଥରର ପ୍ରଚ୍ଛଦ...

# ସେଲିବ୍ରିଟିଙ୍କ ଫ୍ୟାନ୍


ସଚିନ ତେନ୍ଦୁଲକର୍


ଅମିତାଭ ବଚ୍ଚନ



ସଚିନଙ୍କ ଫ୍ୟାନ ସୁଧୀର


ଶାହରୁଖ

## ଶାର୍ଟ ଚିରି ଦେଇଥିଲେ, ବିବାହ ପାଇଁ ପ୍ରସ୍ତାବ ନେଇ ଆସିଥିଲେ ଫ୍ୟାନ୍:

– ଉତ୍ତମ ମହାନ୍ତି

ଇଏ ହେଉଛି ସେତେବେଳର କଥା ଯେବେ ମୁଁ ମୋର ପ୍ରଥମ ଫିଲ୍ମ ଅଭିମାନ କରିଥାଏ । ଏହି ଫିଲ୍ମ କରିବା ପରେ ମୁଁ ଦୁଇବର୍ଷ ଲୁଧିଆନା ଚାଲି ଯାଇଥିଲି ପଢ଼ିବାକୁ। ତେଣୁ ମୁଁ ମୋ ଫ୍ୟାନ୍‌ଙ୍କ ସଂସ୍ପର୍ଶରେ ବିଶେଷଭାବେ ଆସି ପାରି ନ ଥିଲି। ସେମାନେ ମୋତେ କେତେ ଭଲ ପାଆନ୍ତି ତାହା ବି ଜାଣିପାରି ନ ଥିଲି। ହେଲେ ଭଉଣୀ ଥିଲା ଗାଁରେ । ଫ୍ୟାନ୍‌ମାନେ ଅନେକ ଭଲ ପାଇବାଭରା ଚିଠି ଘର ଠିକଣାରେ ପଠାଉଥିଲେ । ଯେହେତୁ ମୁଁ ନ ଥିଲି ଭଉଣୀ ହିଁ ସେ ସମସ୍ତ ଚିଠିର ଉତ୍ତର ଦେଉଥିଲା । ଦୁଇବର୍ଷ ପରେ ମୁଁ ଓଡ଼ିଶା ଫେରିଥିଲି । ଥରେ ମୁଁ ମୋ ସାଙ୍ଗ ବାହାଘରରେ ଯୋଗ ଦେବାକୁ ବାସୁଦେବପୁର ଯାଇଥାଏ । ବାହାଘରରେ ପିନ୍ଧିବା ପାଇଁ ମୁଁ ଗୋଟେ ଭଲ ଟି-ଶାର୍ଟ କିଣିଥାଏ । ତାକୁ ପିନ୍ଧି ବରଯାତ୍ରୀରେ ଯାଉଥିଲି । କିଛି ସମୟପରେ ବରଯାତ୍ରୀ ଏକ ଲେଡିଜ୍ ହଷ୍ଟେଲ ଦେଇଗଲା । ସେତେବେଳେ ହଷ୍ଟେଲରୁ ବାହାରି ଆସି ଝିଅମାନେ ବରଯାତ୍ରୀଙ୍କୁ ଦେଖିବାବେଳେ ମୋତେ ଦେଖି ଚିହ୍ନି ଯାଇଥିଲେ । ଆଉ ସମୁଦ୍ରର ଲହଡ଼ି ପରି ମାଡ଼ି ଆସିଥିଲେ ମୋ ଆଡ଼କୁ । ମୋତେ ଘେରିଗଲେ । ଟଣା ଓଟରା ଆରମ୍ଭ କରିଦେଲେ । ଏମିତି ଟଣା ଓଟରାରେ ମୋ ନୂଆ ଟି-ଶାର୍ଟଟି ସମ୍ପୂର୍ଣ୍ଣଭାବେ ଚିରିଗଲା । ଶେଷରେ ମୁଁ ଆଉ ଜଣଙ୍କୁ ମାଗି ଶାର୍ଟ ପିନ୍ଧିଲି । ହେଲେ ମୋ ଫ୍ୟାନ୍‌ମାନେ କେତେ ଭଲ ପାଆନ୍ତି ସେଦିନ ମୁଁ ଜାଣିପାରିଥିଲି । ବରଯାତ୍ରୀ ପହଞ୍ଚିଥିଲା ୫ଟାରେ । ମୁଁ ସିଗାରେଟ୍ କିଣିବାକୁ ପାଖ ଦୋକାନକୁ ଗଲି । ସିଗାରେଟ୍ ମାଗିଲି । ହେଲେ ସେ ମୋତେ ମନା କରିଦେଲେ । କହିଲେ ଦୋକାନ ବନ୍ଦ ହେଲାଣି । ମୁଁ କହିଲି ଏତେ ଜଲ୍‌ଦି। ସେ କହିଲେ ହଁ। ଆଜି ଏଇ ବାହାଘରରେ ଜଣେ ବଡ଼ ଗେଷ୍ଟ ଆସିଛନ୍ତି। ତାଙ୍କୁ ଦେଖା କରିବାକୁ ଯିବି। ମୁଁ ପଚାରିଲି କିଏ ଆସିଛନ୍ତି। ସେ କହିଲେ– ଉତ୍ତମ ମହାନ୍ତି। ମୁଁ ତା' ସାମ୍ନାରେ ଥାଇ ବି ସେ ମୋତେ ଜାଣି ପାରିଲା ନାହିଁ। ଯେଉଁଥିପାଇଁ ମୋତେ ଭାରି ହସ ଲାଗୁଥିଲା। ସେହିଭଳି ବ୍ରହ୍ମପୁର ସିନେମା ହଲ୍‌ରେ 'ସୁନାଚଢ଼େଇ' ରିଲିଜ ହେବାବେଳେ ମୁଁ ଯାଇଥାଏ ହଲ୍‌କୁ ସିନେମା ଦେଖିବାକୁ। ସେଠି ଯେତେବେଳେ ମୋତେ ଲୋକ ଦେଖିଦେଲେ, ଘେରିଯାଇ ପୂର୍ବଥର ପରି ଟଣାଓଟରା କରିବା ଆରମ୍ଭ କରିଦେଲେ। ଆଉ ଏଥର ବି ମୋ ଫ୍ୟାନ୍ ମୋ ଶାର୍ଟ ପୁଣିଥରେ ଚିରିଦେଲେ। ଖାଲି ଶାର୍ଟ ଚିରିବାରେ କଥା ସରିନି। ସୁନାବେଡ଼ାରୁ ଥରେ ଏକ ଝିଅ ବାରିପଦା ଚାଲି ଆସିଲେ। ସେ ପୁଣି ତା' ବାପାଙ୍କ ସହ। ଅଭିମାନ ଚଳଚ୍ଚିତ୍ର ପ୍ରଡ୍ୟୁସର୍‌ଙ୍କ ଲଜ୍‌ରେ ରହିଥିଲେ। ସେମାନେ ତାଙ୍କୁ ମୋ ଠିକଣା ପଚାରିଥିଲେ। ମୋତେ ଖୋଜି ଖୋଜି ତାଙ୍କ ବାପା ଆମ ଘରକୁ ଚାଲିଆସିଥିଲେ। ଆଉ ତାଙ୍କ ଝିଅର ବିବାହ ପ୍ରସ୍ତାବ ମୋତେ ଦେଇଥିଲେ। କହିଲେ ମୋ ଝିଅ ଆପଣଙ୍କୁ ବହୁତ ଭଲ ପାଏ। ବାହା ହେବାକୁ ଚାହେଁ। ହେଲେ ମୁଁ କହିଥିଲି ଆପଣଙ୍କ ଝିଅ ମୋତେ ପସନ୍ଦ କରୁଛନ୍ତି। ହେଲେ ମୁଁ ତ ପସନ୍ଦ କରୁନି। କେମିତି ବାହା ହେବି। ସେଦିନ ତାଙ୍କୁ ବୁଝେଇକି ଛାଡ଼ିଦେଇଥିଲି। ଏମିତି ଅନେକ ଘଟଣା ମୋ ସହ ଘଟିଛି। ଏବେ ସେଗୁଡ଼ିକ ମନେପଡ଼ିଲେ ଭାରି ଭଲ ଲାଗେ।

## ସୁଟିଂରେ ଯାଇ ଫ୍ୟାନ୍‌ଙ୍କୁ ଦେଖା କରିଥିଲି

– ସୂର୍ଯ୍ୟମୟୀ ମହାପାତ୍ର

୨୦୨୦ ମସିହାର କଥା। ମି. ମଜନୁର ଶୁଟିଂ ସେଟ୍‌ରେ ମୁଁ ଥାଏ। ହେଲେ ଶୁଟିଂ ଆରମ୍ଭ ହୋଇ ନ ଥାଏ। ସେଥିପାଇଁ ବସି ଇନ୍‌ଷ୍ଟାଗ୍ରାମ୍‌ରେ ମୋ ଫ୍ୟାନ୍‌ମାନଙ୍କୁ ରିପ୍ଲାଏ ଦେଉଥାଏ। ଟିକେ ଫୁର୍‌ସତ୍ ମିଳିଲେ ମୁଁ ସବୁବେଳେ ସୋସିଆଲ ଆକାଉଣ୍ଟରେ ଅତିକମ୍‌ରେ ୨୦ଜଣ ଫ୍ୟାନ୍‌ଙ୍କୁ ରିପ୍ଲାଏ ଦିଏ। ବେଳେବେଳେ ଚେଷ୍ଟା କରେ ସମସ୍ତଙ୍କୁ ରିପ୍ଲାଏ ଦେବାକୁ। କାରଣ ସେମାନଙ୍କ ଭଲ ପାଇବା ଓ ପ୍ରେରଣା ହିଁ ଆମକୁ ଆଗକୁ ବଢ଼ାଇଥାଏ। ସେଦିନ ମୁଁ ପ୍ରଥମ କରି ସୀମା ନାମ୍ନୀ ଜଣେ ଫ୍ୟାନ୍‌ଙ୍କୁ ରିପ୍ଲାଏ ଦେଇଥିଲି। ସେ ଓଡ଼ିଶାର କିନ୍ତୁ ରୁହନ୍ତି ଦିଲ୍ଲୀରେ। ସୀମା ଏତେ ଖୁସି →


ଉତ୍ତମ ମହାନ୍ତି



ଶାହରୁଖଙ୍କ ଫ୍ୟାନ ବିଶାଲ ନିଜ ଘର ଓ କାର୍‌କୁ ଶାହରୁଖଙ୍କ ଫଟୋରେ ସଜାଇଛନ୍ତି


ଅମିତାଭ ବଚ୍ଚନଙ୍କ ମନ୍ଦିର










ହୋଇଯାଇଥିଲେ ଯେ, ନିଜ ଆକାଉଣ୍ଟର ନାଁ ବଦଳାଇ ସୂର୍ଯ୍ୟମୟୀ ହର୍ ଫ୍ୟାନ୍‌ସାଇଟ ରଖିଦେଲେ। ମୋର ଫଟୋ, ଫିଲ୍ମର ପୋଷ୍ଟର, ଏମିତିକି ମୋ ଷ୍ଟୋରିର ସ୍କ୍ରିନ୍‌ଶଟ୍ ନେଇ ତାକୁ ପୋଷ୍ଟ କଲେ। ସେତେବେଳେ ମୁଁ ଏତେଟା ପରିଚିତ ମୁହଁ ନ ଥିଲି। ତଥାପି ତାଙ୍କ ଭଲ ପାଇବା ଦେଖି ମୋତେ ବହୁତ ଖୁସି ଲାଗିଥିଲା। ୨ ବର୍ଷ ଆମେ ଏମିତି ସୋସିଆଲ ଆକାଉଣ୍ଟରେ ଚାଟ୍ କରି କଥା ହେଉଥିଲୁ। ମୋ ବର୍ଥ ଡେ ହେଉକି ନ୍ୟୁ ଇୟର୍ ଅବା କିଛି ଖାସ୍ ଅବସରରେ ସେ ନିଜେ ହାତରେ ତିଆରି କରିଥିବା ପେଣ୍ଟିଂ, ଜୁଏଲେରି ଦିଲ୍ଲୀରୁ ପଠାଉଥିଲେ। ମୁଁ ଏସବୁ ମନା କଲେ ବି ସେ ଯେମିତି ହେଉ କିଛି ନା କିଛି ଗିଫ୍ଟ ମୋ ପାଇଁ ପଠାନ୍ତି। ଆଉ ଯେବେ ମୁଁ ଅନ୍ୟ କୌଣସି ଫ୍ୟାନ୍‌ଙ୍କ ସହ ଫଟୋ ଉଠାଇ ମୋ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରେ ସେ କହୁଥିଲେ, 'ଆମର କେବେ ଦେଖା ହେବ?' ତେବେ ସେଇଦିନଟି ଏଇ ମାସେ ପୂର୍ବେ ଆସିଥିଲା। ସୀମା ଓ ତାଙ୍କ ପରିବାର ଦିଲ୍ଲୀରୁ ଗାଁକୁ ଆସୁଥାନ୍ତି। ସେ ମୋତେ କହିଲେ ଟିକେ ଦେଖା କରିବା। ସୀମା ମୋତେ ତାଙ୍କ ବଡ଼ ଭଉଣୀ ପରି ସ୍ନେହ କରନ୍ତି। ତାଙ୍କ ମନ ଭାଙ୍ଗିବାର ସାହସ ମୋର ନ ଥିଲା। ସୀମା ଆସିବା ଦିନ ସୌଭାଗ୍ୟକୁ ମୋର ଶୁଟିଂ ନ ଥିଲା। ମୁଁ ଫ୍ରି ଥିଲି। ତେଣୁ ନିଷ୍ପତ୍ତି ନେଲି ଯେମିତି ବି ହେଉ ଦେଖା କରିବି। ହେଲେ ସେଦିନ ଘରେ କାର୍ ନ ଥିଲା। ଭାଇ ନେଇ ପଳେଇଥିଲା। ଯିବି କେମିତି ଭାବି ପାରୁ ନ ଥାଏ। ଘରେ ଥିଲା ଖାଲି ସ୍କୁଟି। ସେଇ ସ୍କୁଟି ଧରି ମୁଁ ଚାଲିଲି ବାଦାମବାଡ଼ି। ସେଇଠି ସେ ତାଙ୍କ ପରିବାର ସହ ଅପେକ୍ଷା କରିଥିଲେ। ମୋତେ ସ୍କୁଟିରେ ଦେଖି ପ୍ରଥମେ ଚିହ୍ନିପାରି ନ ଥିଲେ। କାରଣ ହେଲମେଟ୍ ପିନ୍ଧିବା ସହ ମୁହଁରେ ମୁଁ ସ୍କାର୍ଫ ଗୁଡ଼ାଇଥାଏ। ହେଲେ ଯେବେ ସେ ମୋତେ ଜାଣିପାରିଲେ ଖୁସିରେ କାନ୍ଦି ପକାଇଲେ। ମୁଁ ତାଙ୍କୁ ହଗ୍ କଲି। ଆଉ ସୀମାଙ୍କୁ ଘରକୁ ନେଇକି ଆସିଲି। ସେ ନିଜ ହାତରେ ମୋର ଏକ ପୋର୍ଟ୍ରେଟ୍ ତିଆରି କରି ଆଣିଥିଲେ। ତାକୁ ଦେଖି ମୋ ଖୁସିର ସୀମା ନ ଥିଲା। ୨-୩ ଘଣ୍ଟା ଆମେ ଏକାଠି ସମୟ ବିତାଇଲୁ। ମିଶିକି ଖାଇଲୁ। ନିଃସ୍ୱାର୍ଥ ଭଲ ପାଇବା ବହୁତ କମ୍ ଲୋକଙ୍କ ଭାଗ୍ୟରେ ଥାଏ। ଆଉ ସେହିଭଳି ଭଲ ପାଇବା ମୋତେ ମିଳିଥିବାରୁ ବହୁତ ଖୁସି ଲାଗେ। ସେ ମୋର ଫ୍ୟାନ୍ ନୁହନ୍ତି ବରଂ ପରିବାରର ସଦସ୍ୟ। ଭଲ ପାଇବା ବଦଳରେ ଭଲ ପାଇବା ଦେବାକୁ ମୁଁ ସବୁବେଳେ ଚେଷ୍ଟା କରେ। ମୋ ମତରେ ନିଜକୁ ବଡ଼ ସେଲିବ୍ରିଟି ଭାବି ଇଗୋ ଦେଖେଇବାର କିଛି ମାନେ ନାହିଁ।

### ହାତରେ ମୋ ନାଁର ଟାଟୁ କରିଛନ୍ତି ଜଣେ ଫ୍ୟାନ୍- *ଦୀପକ, ଅଭିନେତା*

କେଉଁଠି ଯାଇଥିବାବେଳେ ଯଦି କୌଣସି ଫ୍ୟାନ୍ ଦେଖା ହୋଇଯାଆନ୍ତି ବହୁତ ଖୁସି ଲାଗେ। ସେମାନଙ୍କ ଭଲ ପାଇବା ମୋତେ ପ୍ରେରଣା ଦିଏ। ମୋର ଜଣେ ସ୍ପେଶାଲ ଫ୍ୟାନ୍ ଅଛନ୍ତି ଯେକି, ତାଙ୍କ ସୋସିଆଲ ଆକାଉଣ୍ଟରେ ନିଜ ଫଟୋ ଅପେକ୍ଷା ମୋ ଫଟୋ, ମୋ ଫିଲ୍ମର ଫଟୋ, ଏମିତିକି ମୋ ଫ୍ୟାମିଲିର ଫଟୋ ବେଶି ଅପଲୋଡ୍ କରନ୍ତି। ନିଜ ଷ୍ଟୋରିରେ ବି ରଖନ୍ତି। ତାଙ୍କ ସହ ମୋର ଫୋନ୍‌ରେ ଯୋଗାଯୋଗ ରହିଛି। ତା'ଛଡ଼ା ଜଣେ ଫିମେଲ ଫ୍ୟାନ୍ ତ ନିଜ ହାତରେ ମୋ ନାଁର ଟାଟୁ କରିଥିଲେ, ଯାହାକୁ ଦେଖି ଖୁସି ଲାଗିଥିଲା। ଆଉ ଏକ ଘଟଣା, ଥରେ ମୁଁ ରାଉରକେଲା ଏକ ପ୍ରୋଗ୍ରାମକୁ ଯାଇଥାଏ, ସେଠି ଫ୍ୟାନ୍‌ମାନେ ଖୁସିରେ ମୋତେ କାନ୍ଧରେ ବସେଇ ଟେକି ଟେକି ନେଇ ଯାଇଥିଲେ। ଏମିତି ଭଲ ପାଇବା ପାଇଲେ ଏକ ଅଲଗା ପ୍ରକାରର ଖୁସି ମିଳେ।

### ସବୁ ଫ୍ୟାନ୍ ମୋ ପାଇଁ ଖାସ୍- *ଏଲିନା ସାମନ୍ତରାୟ*

ଫ୍ୟାନ୍‌ଙ୍କ ପାଇଁ ଆମେ ଆଜି ଏଇଠି ପହଞ୍ଚିଛୁ। ତାଙ୍କ ଭଲ ପାଇବା ଅଛି ତ ଆମର ସ୍ଥିତି ଅଛି। ତେଣୁ ସବୁ ଫ୍ୟାନ୍ ମୋ ପାଇଁ ଖାସ୍। କିଛି ଫ୍ୟାନ୍ ତ ଏତେ ଭଲ ପାଇଛନ୍ତି ଯେ, ନିଜ ଦେହରେ ମୋ ନାଁର ଟାଟୁ କରାଇଛନ୍ତି। ଆଉ କିଏ ହାତ କାଟିଛନ୍ତି। କିଛି ଫ୍ୟାନ୍ ମୋ ପାଇଁ ବହୁତ ପୋଜେସିଭ୍ ବି ହୋଇଛନ୍ତି। କହିବାକୁ ଗଲେ ମୋ ଫ୍ୟାନ୍ ମୋର ବହୁତ ଭଲ ସାଙ୍ଗ। ମୁଁ ତାଙ୍କ ସହ ଦେଖା କରେ। ଫଟୋ ଉଠାଏ। ସେମାନଙ୍କ ମନରେ ମୁଁ କେବେ ବି ଆଘାତ ଦେବାକୁ ଚାହେଁନା।

### ସଚିନଙ୍କ ବଡ଼ ଫ୍ୟାନ୍ ସୁଧୀର

ଯେଉଁଠି ଥାଏ ଭାରତୀୟ କ୍ରିକେଟ୍ ଟିମ୍‌ର ମ୍ୟାଚ୍ ସେଇ ଷ୍ଟାଡିୟମ୍‌ରେ ଜଣେ ପତଳା ମଧ୍ୟମ ଉଚ୍ଚତାର ବ୍ୟକ୍ତି ସବୁବେଳେ ହାଜର ହୋଇଯାନ୍ତି। ଦେହକୁ ତ୍ରିରଙ୍ଗା ରଙ୍ଗରେ ରଙ୍ଗାଇ, ହାତରେ ତ୍ରିରଙ୍ଗା ପତାକାକୁ ହଲାଇ, ଶଙ୍ଖ ଫୁଙ୍କି ଟିମ୍ ଇଣ୍ଡିଆକୁ ଚିୟର୍ ଅପ୍ କରନ୍ତି। ତାଙ୍କ ଛାତିରେ ତ ସବୁବେଳେ ଲେଖାଥାଏ ସଚିନଙ୍କ ନାମ। କେଶକୁ ବି ଭାରତ ମାନଚିତ୍ର ଭଳି କଟ୍ କରି ତ୍ରିରଙ୍ଗା ରଙ୍ଗରେ ରଙ୍ଗାଇଥାନ୍ତି। ଏହି ବ୍ୟକ୍ତି ଜଣକ ବେଶ୍ ପରିଚିତ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର୍‌ଙ୍କ ଫ୍ୟାନ୍‌ଭାବେ। ସେ ଟିମ୍ ଇଣ୍ଡିଆର ବି ବଡ଼ ଫ୍ୟାନ୍। ଘର ତାଙ୍କର ବିହାରର ମୁଜାଫରପୁରରେ। ନାଁ ସୁଧୀର କୁମାର ଚୌଧୁରୀ। ସେ ସୁଧୀର କୁମାର ଗୌତମ ନାମରେ ବି ବେଶ୍ ପରିଚିତ। କେବେ ସାଇକେଲ ଚଳାଇ ତ କେବେ ବିନା ଟିକଟରେ ଟ୍ରେନ୍‌ରେ ଯାଇ ପହଞ୍ଚି ଯାଆନ୍ତି ମ୍ୟାଚ୍ ହେଉଥିବା ଷ୍ଟାଡିୟମ୍‌ରେ। ବାଂଲାଦେଶ, ପାକିସ୍ତାନକୁ ସେ ସାଇକେଲ ଚଳାଇ ପହଞ୍ଚି ଯାଇଥିଲେ। ସୁଧୀର ନିଜ ଶରୀରକୁ ମ୍ୟାଚ୍ ପୂର୍ବଦିନ ରଙ୍ଗାଇଥାନ୍ତି। ଆଉ ଏଇ ରଙ୍ଗ ଯେମିତି ବଜାୟ ରହିବ, ସେଥିପାଇଁ ସେ ରାତିରେ ଶୁଅନ୍ତି ନାହିଁ। ମ୍ୟାଚ୍‌ଦିନ ଷ୍ଟାଡିୟମ୍‌ରେ ନିଆରା ଢଙ୍ଗରେ ଖେଳାଳିଙ୍କୁ ଚିୟର୍ ଅପ୍ କରନ୍ତି। ସେ ସଚିନ ଓ ଟିମ୍ ଇଣ୍ଡିଆ ପାଇଁ ଏତେ ପାଗଳ ଯେ ନିଜ ବାହାଘର ବି ସ୍ଥଗିତ ରଖିଥିଲେ। ତାଙ୍କର ଏଭଳି ପାଗଳାମି ପାଇଁ ଘରେ ମା'ବାପା ବିରକ୍ତ ହେଉଥିଲେ। ତଥାପି ସେ ନିଜର ପାଗଳାମି ଛାଡି ନ ଥିଲେ। ୨୦୧୦ରେ ଥରେ ସଚିନ ପ୍ରାକ୍ଟିସ୍ କଲାବେଳେ ସୁଧୀର ତାଙ୍କ ସହ

→


ଫ୍ୟାନଙ୍କ ସହ ସଲମାନ

ହ୍ୟାଣ୍ଡସେକ୍ କରିବାକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ହେଲେ ଜଣେ ସିନିୟର ପୋଲିସ ଅଫିସର ତାଙ୍କୁ ଦୁର୍ବ୍ୟବହାର କରି ବାହାରକୁ ପଠାଇଦେଇଥିଲେ। ପରେ ସଚିନ ପୋଲିସ ଅଫିସରଙ୍କୁ କହି ସୁଧୀରଙ୍କୁ ଆସିବାକୁ ଅନୁମତି ଦେଇଥିଲେ। ପୋଲିସ ଅଫିସର ସୁଧୀରଙ୍କୁ କ୍ଷମା ପ୍ରାର୍ଥନା ବି କରିଥିଲେ। ଏଇ ଘଟଣା ପରେ ବିସିସିଆଇ ସୁଧୀରଙ୍କୁ ସବୁ ମ୍ୟାଚ୍ ଦେଖିବା ପାଇଁ ସ୍ପୋନସର୍ କରିବେ ବୋଲି ଘୋଷଣା କରିଥିଲେ। କେବଳ ସେତିକି ନୁହେଁ ୨୦୧୧ ଏପ୍ରିଲ ୨ ତାରିଖରେ ଯେବେ ଟିମ୍ ଇଣ୍ଡିଆ ଶ୍ରୀଲଙ୍କାକୁ ହରାଇ ୱାର୍ଲ୍ଡ ଚାମ୍ପିୟନ ହୋଇଥିଲା, ସଚିନ ନିଜେ ସୁଧୀରଙ୍କୁ ହାତଠାରି ଡାକିଥିଲେ ଡ୍ରେସିଂ ରୁମ୍‌କୁ ଆସି ସେଲିବ୍ରେଶନ୍‌ରେ ସାମିଲ ହେବାପାଇଁ। ସେତେବେଳେ ସଚିନ ଜାହିର ଖାଁଙ୍କୁ ୱାର୍ଲ୍ଡ କପ୍ ଆଣିବାକୁ କହିଥିଲେ। ଆଉ ସେ ସୁଧୀରଙ୍କୁ ହ୍ୟାଣ୍ଡସେକ୍ କରିବା ସହ ଆଲିଙ୍ଗନ କରି ଜାହିରଙ୍କୁ କହିଥିଲେ ସୁଧୀରଙ୍କୁ ୱାର୍ଲ୍ଡ କପ୍ ଦେବା ପାଇଁ। ସୁଧୀର ସେଦିନ ହାତରେ ୱାର୍ଲ୍ଡ କପ୍ ଧରି ବହୁତ ଖୁସି ହୋଇଯାଇଥିଲେ। ୱାର୍ଲ୍ଡ କପ୍ ଧରିଥିବା ସୁଧୀରଙ୍କ ସହ ସଚିନ ଫଟୋ ବି ଉଠାଇଥିଲେ। ଏମିତି ଭଲ ପାଇବା ଯୋଗୁ ସଚିନ ଅବସର ନେବା ପରେ ବି ସୁଧୀର ଛାତିରେ 'ମିସ୍ ୟୁ ତେନ୍ଦୁଲକର' ଲେଖି ଟିମ୍ ଇଣ୍ଡିଆକୁ ଚିୟର୍ ଅପ୍ କରୁଛନ୍ତି।

**ଅମିତାଭଙ୍କୁ କିଏ ମନ୍ଦିରରେ ପୂଜା କରୁଛନ୍ତି ତ କିଏ ପଠାଇଛନ୍ତି ଟ୍ରକ୍‌ଭର୍ତ୍ତି ସିଙ୍ଗଡା:** ବଲିଉଡ୍ ଇଣ୍ଡଷ୍ଟ୍ରିର ସେହନ୍‌ଶାହ ଅମିତାଭ ବଚ୍ଚନ ଜଣେ କିମ୍ବଦନ୍ତୀ ଅଭିନେତା। ତାଙ୍କର ଫ୍ୟାନ୍ କେବଳ ଭାରତରେ ନୁହେଁ ସାରା ପୃଥିବୀରେ ଅଛନ୍ତି। ଫ୍ୟାନ୍‌ମାନେ ତାଙ୍କ ପାଇଁ ପାଗଳ। ତାଙ୍କୁ ମନ ମନ୍ଦିରରେ ପୂଜା କରନ୍ତି। ଖାଲି ମନ ମନ୍ଦିରରେ କାହିଁକି ତାଙ୍କ ପାଇଁ ସତସତିକା ମନ୍ଦିର ବି ଗଢ଼ିଛନ୍ତି। ଏହି ମନ୍ଦିରଟି ଅଛି କୋଲକାତାରେ। ଏହି ମନ୍ଦିରରେ ଏକ ସୁନ୍ଦର ସିଂହାସନ ଅଛି। ସେହି ସିଂହାସନ ଉପରେ 'ସରକାର' ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ ଥିବା ଗେଟ୍‌ଅପ୍‌ର ମୂର୍ତ୍ତି ସ୍ଥାପନ ହୋଇଛି। ଦିୱାର ମୁଭିରେ ଅମିତାଭ ବଚ୍ଚନ ପିନ୍ଧିଥିବା ଜୋତାକୁ ବି ଏଠାରେ ସାଇତି ରଖାଯାଇଛି। ମନ୍ଦିରରେ ପ୍ରବେଶ କରୁ କରୁ ନଜର ପଡ଼ିବ ଏକ ବଡ଼ ବ୍ୟାନର ଉପରେ ଯେଉଁଥିରେ ଲେଖାଥାଏ 'ଜୟ ଅମିତାଭ ବଚ୍ଚନ'। ଆଉ ମନ୍ଦିର ଭିତରେ ଅମିତାଭଙ୍କ ଭକ୍ତମାନେ 'ଜୟ ଶ୍ରୀ ଅମିତାଭ' ମନ୍ତ୍ର ଜପ କରିଥାନ୍ତି। ମନ୍ଦିରଟିକୁ ଅଲ୍ ବେଙ୍ଗଲ ଅମିତାଭ ବଚ୍ଚନ ଫ୍ୟାନ୍ସ ଆସୋସିଏଶନ୍‌ର ସଦସ୍ୟମାନେ ତିଆରି କରିଛନ୍ତି। ଏହା ବାଦ୍ ଥରେ ମୁମ୍ବାଇର ଜଣେ ସିଙ୍ଗଡ଼ା ବିକାଳି ଯିଏକି ଅମିତାଭ ବଚ୍ଚନଙ୍କର ଜଣେ ବଡ ଫ୍ୟାନ୍, ଏକ ଟ୍ରକ୍ ଭର୍ତ୍ତି ସିଙ୍ଗଡ଼ା ଅମିତାଭ ବଚ୍ଚନଙ୍କ ଘର ଜଲ୍‌ସାକୁ ପଠାଇଥିଲେ। ତାଙ୍କର ଏଭଳି କାମ ପଛର ଉଦ୍ଦେଶ୍ୟ ଥିଲା ଅମିତାଭ ବଚ୍ଚନ ଏହି ସିଙ୍ଗଡ଼ା ଉପରେ ତାଙ୍କର ଆଶୀର୍ବାଦ ଢାଳିଦେଲେ ସେ ସେହି ସିଙ୍ଗଡ଼ାଗୁଡ଼ିକୁ ପ୍ରସାଦଭାବେ ତାଙ୍କ ଫ୍ୟାନ୍‌ମାନଙ୍କୁ ବାଣ୍ଟିବେ।

**ଶାହରୁଖଙ୍କ ପାଇଁ ଫ୍ୟାନ୍ ଘରକୁ କଲେ ଶାହରୁଖମୟ, କିଣିଲେ ଜହ୍ନରେ ଜମି:** ସାରା ଭାରତରେ ଛୋଟରୁ ବଡ଼ ସମସ୍ତେ ଜାଣନ୍ତି ଶାହରୁଖ୍ ଖାନ୍‌ଙ୍କୁ। ସାରା ପୃଥିବୀରେ ବି ଅଛନ୍ତି ତାଙ୍କର ଅଗଣିତ ଫ୍ୟାନ୍। ସେଥିପାଇଁ ତ ସେ ପରିଚିତ ବଲିଉଡ୍ ବାଦ୍‌ଶାହଭାବେ। ତାଙ୍କ ଫ୍ୟାନ୍‌ମାନେ ତାଙ୍କର ଖାସ୍ ହେବା ଓ ତାଙ୍କ ଦୃଷ୍ଟିକୁ ଆସିବା ପାଇଁ କରିଥାନ୍ତି ଅନେକ ପାଗଳାମି। ସେମିତି ଜଣେ ଫ୍ୟାନ୍ ହେଉଛନ୍ତି ଲକ୍ଷ୍ନୌର ବିଶାଲ ସିଂ। ସେ ଶାହରୁଖଙ୍କ ପାଇଁ ଏତେ ପାଗଳ ଯେ ନିଜ ନାମକୁ ବଦଳାଇ ବିଶାହରୁଖ ଖାନ୍ କରିଛନ୍ତି। ସେ ପେସାରେ ଜଣେ ବ୍ୟବସାୟୀ। କିନ୍ତୁ ତାଙ୍କର ଶୟନ ସପନ ସବୁଥିରେ କେବଳ ଶାହରୁଖ ଆଉ ଶାହରୁଖ। ତେଣୁ ସେ ନିଜ ଘରକୁ କରିଦେଇଛନ୍ତି ଶାହରୁଖମୟ। ଅର୍ଥାତ୍ ଘରର ପ୍ରତି କୋଠରି, ପ୍ରତି କାନ୍ଥର ବାହାର ଓ ଭିତରପଟେ ରହିଛି ଶାହରୁଖଙ୍କ ଅସଂଖ୍ୟ ଫଟୋ ଓ ପୋଷ୍ଟର। ଏମିତିକି ସେ ନିଜ କାର୍‌ର ବାହାରପଟକୁ ସମ୍ପୂର୍ଣ୍ଣଭାବେ ଶାହରୁଖଙ୍କ ରାୱାନ ଚଳଚ୍ଚିତ୍ର ଫଟୋରେ କଭର କରିଦେଇଛନ୍ତି। ତାଙ୍କର ମେଡିକାଲ ଶପ୍‌ର କାନ୍ଥ ବାଡ, ଆସବାବପତ୍ରରେ ବି ଶାହରୁଖଙ୍କ ଫଟୋ ଦେଖିବାକୁ ମିଳେ। ତା'ଛଡା ନିଜ ଦୁଇ ପିଲାଙ୍କ ନାମ ସେ ସିମ୍‌ରନ୍ ଓ ଆର୍ଯ୍ୟନ୍ ରଖିଛନ୍ତି। ଏହାଛଡ଼ା ସେ ହନିମୁନରେ କେଉଁଠିକୁ ଯାଇଥିଲେ ଜାଣନ୍ତି? ସେଦିନ ସେ ୧୩୦୦ କି.ମି. ଗାଡି ଚଲାଇ ମୁମ୍ବାଇ ଆସି ଶାହରୁଖଙ୍କ ଘର ମନତ ବାହାରେ ସ୍ତ୍ରୀଙ୍କ ସହ ଘଣ୍ଟା ଘଣ୍ଟା ଠିଆ ହୋଇଥିଲେ।

ସେହିଭଳି ଶାହରୁଖଙ୍କର ଆଉ ଜଣେ ବଡ଼ ଫ୍ୟାନ୍ ହେଉଛନ୍ତି ଅଷ୍ଟ୍ରେଲିଆର ଜଣେ ମହିଳା। ସେ ପ୍ରତିବର୍ଷ ଜହ୍ନରେ ଶାହରୁଖଙ୍କ ପାଇଁ ଜାଗା କିଣୁଛନ୍ତି। ଏହା ମଧ୍ୟରେ ସେ ଅନେକ ଏକରର ଜାଗା ଶାହରୁଖଙ୍କ ପାଇଁ ଜହ୍ନରେ କିଣି ସାରିଲେଣି। ଏହାର ସାର୍ଟିଫିକେଟ୍ ଶାହରୁଖ ପ୍ରତିବର୍ଷ ଲୁନାର ରିପବ୍ଲିକ ସୋସାଇଟିରୁ ପାଇଥାନ୍ତି। ଶାହରୁଖ ତାଙ୍କର ଏହି ଖାସ୍ ଫ୍ୟାନ୍‌ଙ୍କ ସହ ଦେଖା କରିଛନ୍ତି ଓ ମେଲ୍ ମାଧ୍ୟମରେ ଯୋଗାଯୋଗ ବି ରଖିଛନ୍ତି। ତେବେ ଶାହରୁଖ ପ୍ରତିବର୍ଷ ନିଜ ଜନ୍ମଦିନ ଅବସରରେ ବାଲକୋନିରେ ଠିଆ ହୋଇ ହାତରେ ପୋଷ୍ଟର, ଗିଫ୍ଟ ଆଦି ଧରି ଉପସ୍ଥିତ ଥିବା ହଜାର ହଜାର ଫ୍ୟାନ୍‌ଙ୍କୁ ହାତ ହଲାଇ ଦେଖାକରନ୍ତି। ଆଉ ଶାହରୁଖଙ୍କ ଝଲକଟିଏ ପାଇ ତାଙ୍କ ଫ୍ୟାନ୍‌ମାନେ ଖୁସିରେ ଆତ୍ମହରା ହୋଇଯାଆନ୍ତି।

**ସଲମାନ୍‌ଙ୍କୁ ଭେଟିବା ପାଇଁ ଘର ଛାଡ଼ି ଆସିଲେ ୯ମ ଶ୍ରେଣୀ ଝିଅ:** ହ୍ୟାଣ୍ଡସମ୍ ହଙ୍କ ଓ ମୋଷ୍ଟ ଏଲିଜିବଲ ବ୍ୟାଚେଲର୍‌ଭାବେ ପରିଚିତ ସଲମାନ ଖାନ୍। ତାଙ୍କ ପାଇଁ ଅନେକେ ପାଗଳ। ଏମିତିକି ଭୋପାଳର ଜଣେ ୧୫ ବର୍ଷୀୟା ଝିଅ ଯିଏକି ୯ମ ଶ୍ରେଣୀର ଛାତ୍ରୀ ଘର ଛାଡି ଟ୍ରେନ୍‌ରେ ମୁମ୍ବାଇ ଚାଲି ଆସିଥିଲେ ସଲମାନଙ୍କୁ ଦେଖା କରିବା ପାଇଁ। ଆଉ ତାଙ୍କ ଗାଲାକ୍ସି ଆପାର୍ଟମେଣ୍ଟ ଭିତରେ ପଶିବାକୁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ତାଙ୍କୁ ବାରଣ କରିବାରୁ କାନ୍ଥ ଚଢିବାକୁ ଚେଷ୍ଟା କରିଥିଲେ। ପରେ ତାଙ୍କୁ ପୋଲିସ ଷ୍ଟେଶନ ନିଆଗଲା। ଆଉ ଜଣାପଡ଼ିଲା ଝିଅଟିର ମା'ବାପା ଝିଅକୁ ନ ପାଇ କିଡ୍‌ନାପିଙ୍ଗ୍ କେସ୍ କରିଛନ୍ତି। ସେହିଭଳି ଆଉ ଜଣେ ମହିଳା ଫ୍ୟାନ୍ ଥରେ ତାଙ୍କ ଆପାର୍ଟମେଣ୍ଟକୁ ପ୍ରବେଶ କରିବାବେଳେ ଧରାପଡିଥିଲେ। ଆଉ ସେ ଦାବି କରିଥିଲେ ଯେ, ସଲମାନ୍ ତାଙ୍କ ସ୍ୱାମୀ ବୋଲି। ସଲ୍‌ମାନଙ୍କର ଅନେକ ଫିମେଲ୍ ଫ୍ୟାନ୍ ଅଛନ୍ତି। ଆଉ ଏହିଭଳି ଅନେକ ଅଜବ ଘଟଣା ଘଟାଇଥାନ୍ତି। ସେହିଭଳି ଜଣେ ଫ୍ୟାନ୍ ତ ସଲମାନଙ୍କୁ ଦେଖା କରିବା ଲାଗି ହଙ୍ଗର ଷ୍ଟ୍ରାଇକ୍ କରିଥିଲେ। ଆଉ ଜଣେ ଫ୍ୟାନ୍ ନିଜ ରକ୍ତରେ ଚିଠି ଲେଖୁଥିଲେ। ଚନ୍ଦା ଫର୍ଫୈଜିଆ ନାମ୍ନୀ ଜଣେ ପାକିସ୍ତାନୀ ମହିଳା ସୀମା ପାର ହୋଇ ସଲମାନ୍‌ଙ୍କୁ ଦେଖା କରିବାକୁ ଚାଲିଆସିଥିଲେ। ପରେ ତାଙ୍କୁ ପୋଲିସ ଗିରଫ କରିଥିଲା। ଫ୍ୟାନ୍‌ଙ୍କର ଏଇ ଭଲପାଇବା ଲାଗି ସଲ୍‌ମାନ ଖାସ୍ ଅବସରରେ ନିଜ ଗାଲାକ୍ସି ଆପାର୍ଟମେଣ୍ଟର ବାଲ୍‌କୋନିରେ ଠିଆ ହୋଇ ହାତ ହଲାଇ ଫ୍ୟାନ୍‌ଙ୍କ ସହ ନିଜର ଖୁସି ବାଣ୍ଟନ୍ତି।


କରୀନା

**କରୀନାଙ୍କୁ ଫ୍ୟାନ୍‌ଙ୍କ ହୀରାହାର ଉପହାର:** ଗ୍ଲାମର୍ସ କରୀନାଙ୍କର ବି ଅନେକ ପାଗଳ ଫ୍ୟାନ୍ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବର୍ଷ ବର୍ଷ ଧରି ନିଜ ରକ୍ତରେ ଚିଠି ଲେଖି ପଠାଉଥିଲେ। ହେଲେ ଯେତେବେଳେ ତାଙ୍କର କୌଣସି ଚିଠିର ଉତ୍ତର ସେ ପାଇଲେନି ଶେଷରେ ୪୦ ଲକ୍ଷ ଟଙ୍କାର ଏକ ହୀରାର ନେକ୍‌ଲେସ୍ କରୀନାଙ୍କୁ ଉପହାରସ୍ୱରୂପ ପଠାଇଥିଲେ।

**ନିଜ ସମ୍ପତ୍ତିକୁ ସଞ୍ଜୟ ଦତ୍ତଙ୍କ ନାମରେ କରାଇଲେ ଫ୍ୟାନ୍:** ଏକ ଇଭେଣ୍ଟରେ ଯୋଗ ଦେବାକୁ ସଞ୍ଜୟ ଦତ୍ତ କୋଲକାତା ଯାଇଥିବାବେଳେ ତାଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ ରିସିଭ୍ କରିବାରୁ ଜାଣିବାକୁ ପାଇଲେ ଯେ, ନିଶୀ ହରିଚନ୍ଦ୍ରା ତ୍ରିପାଠୀ ନାମ୍ନୀ ଜଣେ ଫ୍ୟାନ୍ ମୃତ୍ୟୁ ପୂର୍ବରୁ ନିଜର ସମସ୍ତ ସମ୍ପତ୍ତିକୁ ତାଙ୍କ ନାମରେ କରିଦେଇଛନ୍ତି। ସଞ୍ଜୟ ଦତ୍ତ ସେ ଫ୍ୟାନ୍‌ଙ୍କ ଭଲ ପାଇବାକୁ ସମ୍ମାନ ଦେଇଥିଲେ। ହେଲେ ସମ୍ପତ୍ତିକୁ ଗ୍ରହଣ କରି ନ ଥିଲେ।

**ଐଶ୍ୱର୍ଯ୍ୟାଙ୍କ ବିବାହ ପରେ ଡିପ୍ରେସନ୍‌କୁ ଚାଲିଯାଇଥିଲେ ଫ୍ୟାନ୍:** ବଲିଉଡ୍‌ର ସବୁଠୁ ସୁନ୍ଦରୀ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ଫ୍ୟାନ୍ ଲିଷ୍ଟ ବହୁତ ଲମ୍ବା। ତନ୍ମଧ୍ୟରେ ନିରୋଶନ ଦେବପ୍ରିୟ ନାମକ ଜଣେ ଫ୍ୟାନ୍ ଯିଏ କି ଶ୍ରୀଲଙ୍କାରେ ରୁହନ୍ତି ଦାବି କରିଥିଲେ ଯେ ଐଶ୍ୱର୍ଯ୍ୟାଙ୍କ ସହ ତାଙ୍କର ସମ୍ପର୍କ ଥିଲା। ତେଣୁ ଐଶ୍ୱର୍ଯ୍ୟା ଅଭିଷେକଙ୍କ ସହ ବିବାହ କରିବାରୁ ସେ ଦୁଃଖରେ ଭାଙ୍ଗିପଡି ଡିପ୍ରେସନ୍‌କୁ ଚାଲିଯାଇଥିଲେ। ସ୍ଥିତି ଏମିତି ଥିଲା ଯେ, ସେହି ଫ୍ୟାନ୍ ଜଣକ ପୋଲିସ ଷ୍ଟେଶନ୍‌ରେ ଐଶ୍ୱର୍ଯ୍ୟାଙ୍କ ବିରୋଧରେ କେସ୍ ଫାଇଲ କରିବାକୁ ବି ଯାଇଥିଲେ।

**ସାଇକେଲ ଚଲାଇ ପହଞ୍ଚିଥିଲେ ଆମିରଙ୍କୁ ଦେଖା କରିବାକୁ:** ଚକୋଲେଟ୍ ହିରୋ ଆମିରଙ୍କୁ ଦେଖା କରିବା ଲାଗି କିଶୋର କୁମାର ନାମକ ଜଣେ ଫ୍ୟାନ୍ ରାଞ୍ଚିରୁ ସାଇକେଲ ଚଲାଇ ମୁମ୍ବାଇ ପହଞ୍ଚିଥିଲେ। ସାଇକେଲରେ ସେ 'ସତ୍ୟମେବ ଜୟତେ', 'ଆମିର ଖାନ୍ ଜୀ ସେ ମିଲ୍‌ନେ କେ ଲିୟେ ସାଇକେଲ ୟାତ୍ରା' ଆଦି ହାତ ଲେଖା ଟଙ୍ଗାଇଥାନ୍ତି। ତା'ସହ ରାସ୍ତାରେ ଆସିବାବେଳେ ଅନ୍ୟ ଫ୍ୟାନ୍‌ମାନେ ଆମିରଙ୍କ ପାଇଁ ଦେଉଥିବା ଚିଠି ଗ୍ରହଣ କରୁଥାନ୍ତି। ଶେଷରେ ସେ ମୁମ୍ବାଇରେ ପହଞ୍ଚି ଆମିରଙ୍କ ସହ ଦେଖା ହେବାର ସୁଯୋଗ ପାଇଥିଲେ। ଆମିର ତାଙ୍କୁ ଦେଖି ବହୁତ ଖୁସି ହୋଇଯାଇଥିଲେ। ତାଙ୍କ ସହ ସମୟ ବିତାଇଥିଲେ। ସେ ଆଣିଥିବା ଫ୍ୟାନ୍‌ଙ୍କ ଚିଠି ସବୁକୁ ପଢ଼ିଥିଲେ।

ନିଃସ୍ୱାର୍ଥ ଭଲପାଇବା ଥାଏ ଫ୍ୟାନ୍‌ଙ୍କ ହୃଦୟରେ। ସେମାନେ ଜାଣନ୍ତି ଏମିତି ପାଗଳପ୍ରାୟ ଭଲ ପାଇବା ବଦଳରେ ବିଶେଷ କିଛି ମିଳିବନି। ତଥାପି ସେମାନେ ଭଲ ପାଆନ୍ତି। ତେଣୁ ଏତେ ଭଲ ପାଇବା ପାଉଥିବା ସେଲିବ୍ରିଟିମାନେ ମଧ୍ୟ ପ୍ରତିବଦଳରେ ଟିକେ ଭଲ ପାଇବା ଦେଇପାରିଲେ ଫ୍ୟାନ୍ ଓ ସେଲିବ୍ରିଟି ମଧ୍ୟସ୍ଥ ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିବ।

–ଶିବାନୀ ମହାନ୍ତି



ଦୀପକ


ଫ୍ୟାନ୍ ସୀମାଙ୍କ ସହ ଅଭିନେତ୍ରୀ ସୂର୍ଯ୍ୟମୟୀ


ଏଲିନା ସାମନ୍ତରାୟ

# କଳ୍ପନାର କୁଶଳୀ କାରିଗର: ହରିହର

ଓଡ଼ିଆ କବିତାର ନବନିର୍ମାଣରେ ସମକାଳୀନ ଭାବବୋଧକୁ ଅନୁପ୍ରାଣିତ କରୁଥିବା ଏକ ଶକ୍ତିଶାଳୀ କାବ୍ୟପୁରୁଷ ସେ । କବି, ନାଟ୍ୟକାର, ଔପନ୍ୟାସିକ, କଥାକାର, ଆଲୋଚକ, ଗୀତିକାର, ମଞ୍ଚ ଓ ବେତାର ଅଭିନେତା, ସମ୍ପାଦକ ପରି ଅନେକ ପରିଚୟରେ ପରିଚିତ ହରିହର ମିଶ୍ର...






ଓଡ଼ିଆ କବିତାର ନବନିର୍ମାଣରେ ସମକାଳୀନ ଭାବବୋଧକୁ ଅନୁପ୍ରାଣିତ କରୁଥିବା ଏକ ଶକ୍ତିଶାଳୀ କାବ୍ୟପୁରୁଷ ସେ । କାବ୍ୟଭଙ୍ଗୀରେ ସ୍ୱଚ୍ଛନ୍ଦତା, ବିମ୍ବ ନିର୍ମାଣରେ ଅଲୌକିକତା, ବ୍ୟକ୍ତି ଚେତନାକୁ ସାର୍ବଜନୀନ ଚେତନାରେ ରୂପାନ୍ତରିତ କରିବାରେ ଦାର୍ଶନିକତା, କାବ୍ୟିକ ଚିତ୍ରମୟତା ତାଙ୍କ ସର୍ଜନାର ବିଶେଷ ଗୁଣ । ଜଣେ ପୂର୍ଣାଙ୍ଗ ସାହିତ୍ୟ ସ୍ରଷ୍ଟା ସେ । କବି, ନାଟ୍ୟକାର, ଔପନ୍ୟାସିକ, କଥାକାର, ଆଲୋଚକ, ଗୀତିକାର, ମଞ୍ଚ ଓ ବେତାର ଅଭିନେତା, ସମ୍ପାଦକ ପରି ଅନେକ ପରିଚୟ ତାଙ୍କର । ବେଳେ ବେଳେ ତ ବିଶ୍ୱାସ ହୁଏନା ନିନ୍ଦିତ ଗଜପତିର ନାଟ୍ୟକାର, ଶଙ୍ଖନାଭିର କବି, ମୂକ ଡାହୁକର ଗାଳ୍ପିକ, ନୀଳ ହ୍ରଦର ରକ୍ତ କମଳର ଔପନ୍ୟାସିକ, ଢାଳି ଦିଅ ସାରା ଧରଣୀରେ ଆଜିର ସୁପ୍ରସିଦ୍ଧ ଗୀତିକାର 'ଜଣେ' ବୋଲି । ଆଉ ସେ ଜଣକ ହେଉଛନ୍ତି ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ପ୍ରମୁଖ ନିର୍ମାତା ହରିହର ମିଶ୍ର ।

୧୯ ନଭେମ୍ବର ୧୯୪୦ରେ ମାର୍କଣ୍ଡେଶ୍ୱରସାହି ପୁରୀରେ ଜନ୍ମିତ ହରିହରଙ୍କ ପିତା ହେଉଛନ୍ତି ମଣିରାମ ମିଶ୍ର ଓରଫ ଚିନ୍ତାମଣି ମିଶ୍ର । ମାତାଙ୍କ ନାଁ ସେବତୀ ଦେବୀ । ଓଡ଼ିଆ ଭାଷାସାହିତ୍ୟରେ ସ୍ନାତକୋତ୍ତର ହାସଲ କରିଥିବା ହରିହର ଅଧ୍ୟାପନା ଓ ଅଧକ୍ଷତା କ୍ଷେତ୍ରରେ କେବଳ ନିଜ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ନ ଥିଲେ ଅଧିକନ୍ତୁ ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଥିଲେ ଏକାଦିକ୍ରମେ କବିତା, ଏକାଙ୍କିକା, ନାଟକ, ଗଳ୍ପ, ଉପନ୍ୟାସ, ସମାଲୋଚନା ଆଦି ରଚନା କରି । ସେ 'ସମାବେଶ'ର ସମ୍ପାଦକ ହୁଅନ୍ତୁ କି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ର ଥିଲେ ବହୁମୁଖୀ ।

କାଗଜଡ଼ଙ୍ଗା, ମଧୁଲିତା, ହଂସଧ୍ୱନି, ମଝିଦରିଆଠାରୁ ଆରମ୍ଭ କରି ଏବେ ନୁହେଁ ତ କେବେ ନୁହେଁ ପରି ନଅଗୋଟି ଉଚ୍ଚକୋଟୀର ନାଟକ ଲେଖି ଓଡ଼ିଆ ନାଟକ ସାହିତ୍ୟକୁ ସମୃଦ୍ଧ କରିଛି ତାଙ୍କ ଲେଖନୀ । ଶଙ୍ଖନାଭି, ଚନ୍ଦ୍ରବିମ୍ବ, ଚାହାଣି ମଣ୍ଡପ, ଅଣଅକ୍ଷର, ଦର୍ପଣଶିଳା, ସନ୍ଧ୍ୟାଦର୍ଶନ, ଅନେକ ଆଶ୍ଚର୍ଯ୍ୟ, ନେତ୍ରୋତ୍ସବ, ପାହାଡ଼ର ଡେଣାଠାରୁ ଇନ୍ଦ୍ରାଣୀ, ଭୁଜବର୍ଣ୍ଣ, ଅକିଞ୍ଚନ ଭଳି ଛବିଶ ଖଣ୍ଡ କବିତା ସଙ୍କଳନ, ବୃଷଭର ଏକପାଦ, ମୂକ ଡାହୁକ, ଇଚ୍ଛାର ସାମ୍ରାଜ୍ୟ, କଥା ପଞ୍ଚବିଂଶତି ପରି ଚାରିଖଣ୍ଡ ଗଳ୍ପ ସଙ୍କଳନ, ବନ ବିହଙ୍ଗୀ, ନୀଳହ୍ରଦର ରକ୍ତ କମଳ ପରି ଦୁଇଗୋଟି ଉପନ୍ୟାସ,ସ୍ୱର ସାଧକ, ଗ୍ରନ୍ଥବିଳାସ ପରି ସମାଲୋଚନା ସାହିତ୍ୟ, ଜହ୍ନ ସବୁ କଥା ଜାଣେ, ବେଳାଭୂମି, ନୀଳ ଉପତ୍ୟକା, ମଙ୍ଗଳ ଆଳତି ଭଳି ଏକାଧିକ ସଙ୍ଗୀତ ସିଡୀରେ ସେ ଦେଇ ସାରିଛନ୍ତି ତାଙ୍କ ଗୀତିକାର ହୃଦୟର ଅଭୁଲା ସ୍ୱାକ୍ଷର । ସାରଙ୍ଗଧର ରାୟଗୁରୁ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପରେଶ ଦାଶ, ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଭଳି ପ୍ରଖ୍ୟାତ ମଣିଷ ତାଙ୍କ ଲେଖାକୁ ଇଂଲିଶରେ ଅନୁବାଦ କରି ତାଙ୍କ ସର୍ଜନା ପାଇଁ ଆନ୍ତର୍ଜାତିକ ପ୍ରସିଦ୍ଧି ଆଣିଛନ୍ତି । ଅନ୍ନପୂର୍ଣ୍ଣାଠାରୁ ଆରମ୍ଭ କରି ସାରା ଓଡ଼ିଶାର ପ୍ରସିଦ୍ଧ ରଙ୍ଗମଞ୍ଚଗୁଡ଼ିକରେ ତାଙ୍କର ଅନେକ ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ହୃଦୟରେ ଘର କରି ରହିପାଇଛି । ସେହିପରି ଗୋଟିଏ ଗୁଳି ବାଜି, ଧଳାଟୋପି କଳା ରୁମାଲ ଭଳି ନାଟକ ଯନ୍ତ୍ରସ୍ଥ ହୋଇରହିଛି । ତାଙ୍କର କବିତା ପାଠକ ତଥା ସମାଲୋଚକଙ୍କଠାରୁ ଯେତିକି ଶ୍ରଦ୍ଧା ଓ ସମ୍ମାନ ପାଇଛି, ତାଙ୍କ ରଚିତ ଗୀତ ବାଣିଜୟୀ ରାମ, ଚିତ୍ତରଞ୍ଜନ ଜେନା, ମହାପ୍ରସାଦ କରଙ୍କଠାରୁ ଅଶୋକ ମହାନ୍ତି, ଅଞ୍ଜଳି ମିଶ୍ର ଓ ଶ୍ରେୟସୀ ଦାସଙ୍କ କଣ୍ଠରେ ଗାନ କରାଯାଇ ସେତିକି ଲୋକପ୍ରିୟତା ଅର୍ଜନ କରିଛି ।






ହରିହର ମିଶ୍ର ନିଜେ ଜଣେ ଭଲ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ । ଅନାମ କାବ୍ୟ ଆନ୍ଦୋଳନ ସହ ତାଙ୍କର ସମ୍ପର୍କ ଓଡ଼ିଆ କବିତା କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ବିଖ୍ୟାତ ସମାଲୋଚକ ସୁରେନ୍ଦ୍ର ମହାନ୍ତି ତାଙ୍କ କାବ୍ୟ ଦକ୍ଷତାକୁ ନେଇ ଗଭୀର ଆସ୍ଥା ପ୍ରକଟ କରିଥିଲେ । ହରିହର ମିଶ୍ରଙ୍କ ନାଟକଗୁଡ଼ିକରେ ଇତିହାସ ଓ ସାମାଜିକ ବାସ୍ତବତା ଉଭୟର ସମନ୍ୱୟ ଦେଖିବାକୁ ମିଳେ । ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ଯଥେଷ୍ଟ ଶକ୍ତିଶାଳୀ ତାଙ୍କର ଗଳ୍ପସମୂହ । ପୁରୀ ସଂସ୍କୃତିର ପ୍ରତିଫଳନ ତାଙ୍କ ସାହିତ୍ୟକୁ ଏକ ବିଶେଷ ଆୟତନ ଦିଏ । ସାହିତ୍ୟ ସୃଷ୍ଟି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ଏକାଡେମୀ, ତିନି ତିନିଥର ଝଙ୍କାର ବିଷୁବ ସମ୍ମାନ, ସାରଳା ପୁରସ୍କାର, କାନ୍ତକବି ଲକ୍ଷ୍ମୀକାନ୍ତ ସମ୍ମାନ, ପଣ୍ଡିତ ଗୋଦାବରୀଶ ସମ୍ମାନ, ଗଙ୍ଗାଧର ମେହେର ସମ୍ମାନ, ସଚ୍ଚି ରାଉତରାୟ ସମ୍ମାନ, ବ୍ରଜନାଥ ବଡ଼ଜେନା ସମ୍ମାନ, ଅତିବଡ଼ୀ ସମ୍ମାନ, ଟାଇମ୍ସ ଅଫ୍ ଇଣ୍ଡିଆ ସମ୍ମାନ, ଧରିତ୍ରୀ ସମ୍ମାନ, ଭାନୁଜୀ ରାଓ ସମ୍ମାନ, ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ, ଭଳି ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । ତାଙ୍କ ସର୍ଜନାର ନିଷ୍ପାପର ଆକଳନର ଆବଶ୍ୟକତା ରହିଛି ।

*–**ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ ମୋ: ୭୯୭୮୫୭୯୩୯୯*








# ଭିନ୍ନ ପ୍ରେମ

-ସୁସ୍ମିତା ମହାପାତ୍ର

ତୁମେ ଆଖି ଖୋଲିଲେ
ସୂରୁଜ ଉଏଁ, ସକାଳ ହୁଏ,
ଶୁଭେ ପକ୍ଷୀଙ୍କ କୂଜନ
କାରଣ,
ଏ ସଭିଏଁ ତୁମ
ନିରୀହ ଚାହାଣିରେ ତଲ୍ଲୀନ।

ସବୁ ସକାଳ ସତେ ଯେମିତି
ତୁମ ହାତ ଅଙ୍କା ଚିତ୍ର,
ପ୍ରତି ରଙ୍ଗ ତୁମ
ସୁଖ ସ୍ୱପ୍ନର ସୂତ୍ର।

ତୁମ ଗୋଲାପି ଅଧରର
ସରୁ ମଖମଲି ହସ ଖିଏ,
ଆଲୋକିତ କରି ଚଲାପଥ ମୋର
ବାଟ କଢ଼ାଇ ନିଏ।
ତୁନି ତୁନି କେଇପଦ କଥା ତୁମ
ଅଙ୍ଗେ ଅଙ୍ଗେ ମୋର ନେସି
ହେଇଯାଏ।

ତୁମ ଚାଲିରେ ପଦୁଅଁ ଫୁଟେ,
ଠାଣିରେ ଶେଫାଳି ଲୋଟେ,
ପ୍ରୀତି ରଚେ ତୁମ ଉପସ୍ଥିତି
ପରାଣ ପୁରେ ମୋ
ଶିରାରେ ଶିରାରେ ଉଷ୍ଣ
ଶୋଣିତ ଛୁଟେ,
ସିନ୍ଦୂରା ଫାଟେ,
ମନ ଉପବନ ସାଥେ
ଅଗଣା ମୋର ମହକି ଉଠେ।

ପୁଣି, କଳିବା ଆଗରୁ ପ୍ରେମ
ପରିଭାଷା
ବାଟ ଭାଙ୍ଗି ଚାଲିଯାଅ ତୁମେ
ଆପଣା ବାଟେ,
ଜହ୍ନ ଗୁଠେ,
ବିରହୀ ପ୍ରେମିକ ମୁଁ
ଅହରହ ଦହି ହେଉଥାଏ
ସେଇ ଛଦ୍ମବେଶୀ ବିଶ୍ୱାସର
ବିଷ ତୁଠେ॥

-ସରକାରୀ ଉଚ୍ଚ ବିଦ୍ୟାଳୟ,
ସେକ୍ଟର -୧୬,
ରାଉରକେଲା-୩, ସୁନ୍ଦରଗଡ଼
ମୋ: ୯୪୩୭୫୦୩୧୩୮

# ଅପେକ୍ଷା

-ଜୟନ୍ତୀ ମିଶ୍ର

ମୁଁ ଠିଆ ହୋଇଛି ସେଇଠି
କୋଉ ଘୁଞ୍ଚି ପାରୁଛି ଗୋଟେ ପାଦ ।

ଏମିତି ତ ହୁଏ
ହାତ ମୁଠାରୁ ଖସିଯାଏ ସମୟ
ଯେତେ ଚାହିଁଲେବି ଫେରିଆସେନି।
ଗ୍ଲାନିରୁ,ଅବଶୋଷରୁ
ଭୟରୁ, ଭ୍ରାନ୍ତିରୁ,
ଅସହାୟତାରୁ, ଶୂନ୍ୟତାରୁ
ଝରେନି ଲୁହ କି ଶବ୍ଦ।

ନିଜସ୍ୱ ହୋଇ ଆଉ କ'ଣ ରହେ
ଯେଉଁଠି ଲୁହ ଓ ଶବ୍ଦ ନିଜର ହୁଏନି ।

ମୋ ଅପେକ୍ଷାର ଅନ୍ତନାହିଁ।
ତୁମେ ଆବୋରି ବସିଛ
ମୋର ଶୂନ୍ୟକାଳ,
ନାହିଁ ନାହିଁରେ ପରିପୂର୍ଣ୍ଣ ଜୀବନ।

ଏଇ ଅପେକ୍ଷାରେ ଆକାଶକୁ ଛୁଇଁହୁଏ
ଜହ୍ନକୁ ଯାଇ ଆସି ହୁଏ
ଥୁଣ୍ଟା ଗଛରେ ପତ୍ର କଅଁଳି ଯାଏ
ସବୁ ଋତୁ ବସନ୍ତ ପାଲଟେ।

ମୋର ବିଷାଦଗ୍ରସ୍ତ ସବୁ ସମୟ
ଚଳଚଞ୍ଚଳ ହୁଏ,
ମୋ ଚାରିପାଖ ପୃଥିବୀ
ସ୍ୱପ୍ନପୁରୀ ଲାଗେ,
ଠିକ ମୋ ଛଳଛଳ ଭବନାପରି,
ସବୁଠି ବାସ୍ନାଫୁଲ ଫୁଟୁଥାଏ ।

ଏଇ ଅପେକ୍ଷାରେ ନିଜଠୁଁ ନିଜକୁ
ଅଲଗା ହେବାକୁ ପଡେ
ନିଜ ସହ ନିଜେ ସାମିଲ
ହେବାକୁ ହୁଏ
ପୁଣି ନିଜକୁ ନିଜେ ଭଲ ପାଇ
ହୁଏ
ସବୁ ସମୟ ପ୍ରେମମୟ ଲାଗେ,
ଏଇ ଅପେକ୍ଷାରେ
ଜୀବନ ତୁମେମୟ ଲାଗେ।

- କ୍ରିଷ୍ଣା ନଗର, ଲସ୍‌ପେଟ୍,
ପୁଦୁଚେରୀ-୬୦୫୦୦୮
ମୋ: ୯୦୪୨୦୮୭୪୫୬

# ସ୍ୱର୍ଗ-ସ୍ୱର୍ଶ

-ଲକ୍ଷ୍ମଣ କୁମାର

ବେଳେବେଳେ ଲାଗେ ଯେ ସେ ମୋତେ ଭୁଲିଯିବ। ତା'ର କ'ଣ ଅଭାବ? ଭରପୁର ସିଏ ପୁଷ୍ପିତ ପରାଗରେଣୁରେ— ମହୁ ସରସର ସୁଗନ୍ଧରେ। ଜହ୍ନ ରୀତିମତ ଲୁଚକାଳି ଖେଳେ ତା' ଅଗଣାରେ। ଫୁଲ, ଜହ୍ନ, ତାରା ଓ ପ୍ରଜାପତିଙ୍କ ସମାରୋହରେ ମୋର କଥା ସତରେ କ'ଣ ତା'ର ମନେପଡୁଥିବ।

ଏମିତିକା ଆଶଙ୍କାରେ ମୁଁ ଝୁରି ମରୁଥିବାବେଳେ ମୋତେ ଆଶ୍ଚର୍ଯ୍ୟ ବିଭୋର କରିଦିଏ ତା'ର ସ୍ୱର-ଫୋନରେ। ଗୋଟାଏ ମୁହୂର୍ତ୍ତରେ ବଦଳିଯାଏ ମୋ' ଚାରିପାଖର ଗତାନୁଗତିକ ବାତାବରଣ। ମୋତେ ଘେରି ରହିଥିବା ଅତଳ ଅନ୍ଧକାର କୁଆଡ଼େ ଅପସରିଯାଏ ନିମିଷକେ। ସହସ୍ର ଜହ୍ନର କିରଣରେ ଭରିଯାଏ ମୋ' ଛାତିର ସମସ୍ତ ଶୋଭା। ମୋତେ ବେଳେବେଳେ ଭାରି କଷ୍ଟ ହୁଏ। ଛାତିରେ ଦରଜ ସୃଷ୍ଟି ହୁଏ। ନିଃଶ୍ୱାସ ନେବାକୁ ବି ଭାରି କଷ୍ଟ ହୁଏ— ଯେତେବେଳେ ମୁଁ ଭାବିନିଏ ଯେ ସେ ଆଉ କାହାର ଅଧିକୃତା ହୋଇଯାଇନି ତ! ଏତେବଡ଼ ପୃଥିବୀରେ ସେ ହିଁ ଯେତେବେଳେ ମୋ' ବଞ୍ଚିବାର ଏକମାତ୍ର ଅବଲମ୍ବନ, ତା'ର ଦୂରତ୍ୱ ମୋ' ପାଇଁ ସୀମାତୀତ ବେଦନାର କାରଣ ପାଲଟିଯାଏ।

ନା, ସେ ଅନ୍ୟ କାହାର ନୁହେଁ। ଅନ୍ୟ କାହାର ହୋଇପାରିବନି କେବେ ବି। ସିଏ ମୋର ହିଁ। କେବଳ ମୋର। ଯୁଗପତ୍ ସେ ରହିଥିବ ମୋ' ପ୍ରାଣରେ, ହୃଦୟରେ, ଆତ୍ମାରେ। ମୋର ପ୍ରତିଟି ରକ୍ତବିନ୍ଦୁରେ ସିଏ। ମୋ' ପ୍ରତିଟି ନିଃଶ୍ୱାସରେ ସିଏ। ମୋ' ଛାତିର ପ୍ରତିଟି ସ୍ପନ୍ଦନରେ ନାଆଁ ତା'ର।

ଆକାଶକୁ ଅନେଇଲେ ସୁସ୍ପଷ୍ଟ ଦିଶୁଛି ତାରାର ଅକ୍ଷରରେ ଲେଖା ହୋଇଥିବା ତା'ର ମୋର ନାଁ। ଯୁଗ ଯୁଗ ଧରି କାଳବକ୍ଷରେ ଆମର ସ୍ୱପ୍ନ ଆଉ ପ୍ରେମ ତିଷ୍ଠି ରହିଥିବ।

ମୁଁ ତାକୁ କହେ : ତମେ ବିରଳ ଏ ପୃଥିବୀରେ। ତମ ପରି ପ୍ରେମିକାଟେ ଏଯାବତ୍ ମୁଁ ଦେଖିନି। ତେଣୁ ମୁଁ ସବୁଠୁ ବେଶି ଭାଗ୍ୟବାନ। ତମରି ଭଲ ପାଇବା ମୋତେ ରାଜଚକ୍ରବର୍ତ୍ତୀ ସମ୍ରାଟ କରିଦେଇଚି ପ୍ରିୟତମା।

: ମିଛ। ଏ ସବୁ ମିଛ କଥା! ସେ ଭାରି ଅଭିମାନରେ କହେ। ଖୁବ୍ ମଧୁର ସ୍ୱର ତା'ର। ତା'ରି ସ୍ୱରରେ ସହସ୍ର ପଦ୍ମର ସୁଗନ୍ଧ ଭାସିଆସେ ପବନରେ ତ ସହସ୍ର ଭ୍ରମର ଗୁଣୁଗୁଣେଇ ଉଠନ୍ତି ମୋ' ଭିତରେ।

ମୁଁ ଈଶ୍ୱରଙ୍କୁ କୃତଜ୍ଞତା ଜଣାଏ। ତାକୁ ପାଇ ଗୋଟେ ବିରଳ ପ୍ରେମର ସ୍ୱର୍ଗ ମୁଁ ପାଇବି ଯେହେତୁ। ଅବର୍ଣ୍ଣନୀୟା ସିଏ। ମୋତେ ଆଚ୍ଛନ୍ନ କରୁଛି ପ୍ରତି ମୁହୂର୍ତ୍ତରେ। ବସନ୍ତ ଋତୁର ଏଇ ସକାଳରେ ମୁଁ ଖୋଲି ଦେଇଛି ମୋ' ଛାତିର ଝର୍କା। ମୋ' ହୃଦୟର ବାଲ୍‌କୋନିରେ ଥିବା ଫୁଲକୁଣ୍ଡରେ ସେ ଫୁଟିଉଠିଛି ଗୋଲାପ ଫୁଲଟେ ହୋଇ।

ଥାଉ ପଛେ ମୋ' ଚାରିକଡ଼େ କାକଟସ୍‌ର ସମାରୋହ, ସେହି ଗୋଟିଏ ଗୋଲାପ ହିଁ ମୋ' ପାଇଁ ଆଣିଦିଏ ସ୍ୱର୍ଗ-ସ୍ୱର୍ଶ।

-ଦିଗ୍‌ବଳୟ, ଲେଣ୍ଡା, ବରପାଲି, ବରଗଡ଼
ମୋ: ୯୪୩୯୦୪୦୯୩୭

# ବାୟୋପିକ୍ ନିଶାରେ ଆଲିୟା



**ଆ**ଲିୟା ଭଟ୍ଟଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ସେ ଅଧିକ ବାୟୋପିକ୍ ଫିଲ୍ମରେ ଆକ୍ଟିଂ କରିବାକୁ କୁଆଡେ ମାଇଣ୍ଡ ମେକଅପ୍ କରିଛନ୍ତି। ହେଲେ ହଠାତ୍, ଏଭଳି ଭାବନା ତାଙ୍କ ମନରେ କିପରି ଉଦୟ ହେଲା ଜାଣିବେନି ? କଥା କ'ଣ କି ସଞ୍ଜୟ ଲୀଲା ଭଁସାଲିଙ୍କ 'ଗଙ୍ଗୁବାଈ କାଠିଆୱାଡି'ରେ ଅଭିନୟ କରିବା ପରେ ତାଙ୍କର ଏହି ଆଶା ଦ୍ୱିଗୁଣିତ ହୋଇଛି। ଏ ନେଇ ଆଲିୟା କହନ୍ତି, 'ଥରେ ବାୟୋପିକ୍ ଫିଲ୍ମ ବିଷୟରେ ମୁଁ ସଞ୍ଜୟ ଲୀଲା ଭଁସାଲିଙ୍କ ସହ ଆଲୋଚନା କରୁଥିଲି। କଥା ପ୍ରସଙ୍ଗରେ ସେ ମୋତେ ବାୟୋପିକ୍ ସିନେମା ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ମୋର ମୋ' ନିଜ ଉପରେ ଯଥେଷ୍ଟ ଭରସା ରହିଛି। ତେଣୁ ଯେ କୌଣସି ବାୟୋପିକ୍‌ରେ ସୁଯୋଗ ମିଳିଲେ ତାହାକୁ ତୁଲାଇ ପାରିବି ବୋଲି ମୋର ବିଶ୍ୱାସ ଅଛି। 'ଗଙ୍ଗୁବାଈ କାଠିଆୱାଡି'ର ଟାଇଟଲ ଭୂମିକାରେ ମୁଁ ଅଭିନୟ କରିଛି। ଥରେ ଅନନ୍ୟା ପାଣ୍ଡେ ଏବଂ ସାରା ଅଲ୍ଲୀ ଖାଁ ଦୁହେଁ ଶୁଟିଂ ସେଟ୍‌କୁ ଯାଇଥିଲେ। ଏହି ବାୟୋପିକ୍‌ରେ ମୋ ଆକ୍ଟିଂ ଦେଖି ସେମାନେ ବି ପୂର୍ବାନୁମାନ କରିଛନ୍ତି ଯେ ଫିଲ୍ମଟି ନିଶ୍ଚୟ ହିଟ୍ ହେବ।' ତେବେ ଏହି ଫିଲ୍ମ ଆଲିୟାଙ୍କ କ୍ୟାରିୟରରେ କି ମୋଡ ଆଣୁଛି ତାହା ଦେଖିବାକୁ ବାକି ରହିଲା।

'ଗଙ୍ଗୁବାଈ କାଠିଆୱାଡି' ଚଳଚ୍ଚିତ୍ରରେ ଆଲିୟା

# ଶହେରୁ ଜଣେ



ଭୂମି

**ଭୂ**ମି ପେଡ୍‌ନେକର ଏବେ ବି ନିଜର ଏକ ଅଡିସନ୍‌କୁ ସ୍ମରଣ କରନ୍ତି। କଥା କ'ଣ କି ସେ ଯେତେବେଳେ 'ଦମ୍ ଲଗାକେ ହୈସା'ର ଅଡିସନ ପାଇଁ ଯାଇଥିଲେ ସେଠାରେ ଲମ୍ବା ଲାଇନ୍‌କୁ ନେଇ ଚିନ୍ତାରେ ପଡିଯାଇଥିଲେ। କାରଣ ସେଦିନ ଅଡିସନ ପାଇଁ ଶହେ ଜଣ ଅପେକ୍ଷା କରିଥିଲେ। ହେଲେ ଶେଷରେ ହାତୀ ତାଙ୍କ ମୁଣ୍ଡରେ ସୁନା କଳସ ଢ଼ାଳିଥିଲା। ଏପରି ଅନୁଭୂତି ସମ୍ପର୍କରେ ଭୂମି କହନ୍ତି, 'ଅଡିସନ୍ ହଲ୍‌ରେ ପହଞ୍ଚିବା ସମୟରେ ମୁଁ ଯାହା ଦେଖିଲି ତାହା ମୋ କଳ୍ପନା ବାହାରେ ଥିଲା। ପ୍ରାୟ ଶହେ ଜଣ ଅଡିସନ ଦେବାକୁ ଅପେକ୍ଷା କରିଥିଲେ। ପ୍ରଥମେ ମୁଁ ଟିକେ ହଡବଡେଇ ଯାଇଥିଲି। ହେଲେ ନିଜକୁ ନିୟନ୍ତ୍ରଣକୁ ଆଣି ଅଡିସନ ଦେଇ ଫେରିଆସିଥିଲି। ହେଲେ ଯେତେବେଳେ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ଯୋଗାଯୋଗ କରାଯାଇ ସୂଚନା ଦିଆଗଲା ଯେ, ଏହି ଭୂମିକା (ସନ୍ଧ୍ୟା) ପାଇଁ ମୋତେ ମନୋନୀତ କରାଯାଇଛି ମୋ ଖୁସିର ସୀମା ରହି ନ ଥିଲା।' ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ ବଲିଉଡ୍‌ର ନାମୀ ପ୍ରଯୋଜନା ସଂସ୍ଥା ଯଶରାଜ ଫିଲ୍ମସ୍‌ରେ ଭୂମି ସହ-ନିର୍ଦ୍ଦେଶକ ଭାବରେ କାମ କରୁଥିଲେ। 'ଚକ୍ ଦେ ! ଇଣ୍ଡିଆ', 'ରକେଟ ସିଂ : ସେଲସ୍‌ମ୍ୟାନ ଅଫ୍ ଦ ଇୟର୍' ଏବଂ 'ତିନ୍ ପତି'ର ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବରେ ବି ସେ ନିଜ ଦାୟିତ୍ୱ ବେଶ୍ ସୂଚାରୁ ଭାବେ ତୁଲାଇଥିଲେ।

# ଦୀପିକାଙ୍କ ଫିଟ୍‌ନେସ୍ ଟିପ୍ସ



**ଦୀ**ପିକା ପାଦୁକୋନ୍ ଏବେ ଫିଟ୍‌ନେସ୍‌କୁ ନେଇ ଟିପ୍ସ ବାଣ୍ଟୁଛନ୍ତି। ବର୍ତ୍ତମାନ ସେ ଅଭିନୟ କରୁଥିବା 'ପଠାନ୍'ର ଶୁଟିଂ ବମ୍ବେରେ ଚାଲୁ ରହିଛି। ଆସନ୍ତା ସପ୍ତାହରେ ଏହି ଟିମ୍ ସ୍ପେନ୍ ଯିବ। ସେଠାରେ ଏକ ଲମ୍ବା ଗୀତ ସହ କେତୋଟି ଆକ୍ସନ ସିକ୍ୱେନ୍ସର ଶୁଟିଂ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବମ୍ବେରେ ଶୁଟିଂ ସମୟରେ ତାଙ୍କର କେତେ ଜଣ ବାନ୍ଧବୀ ସେଟ୍‌କୁ ଆସିଥିଲେ। ସେମାନଙ୍କ ସହ ଆଲୋଚନା ସମୟରେ ସେ ତାଙ୍କୁ ଫିଟ୍‌ନେସ୍ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଦୀପିକା କହନ୍ତି, 'ଆଜିକାଲି ନିଜକୁ ସବୁବେଳେ ଫିଟ୍ ରଖିବା ସବୁଠାରୁ ବଡ କଥା। ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦିଏ। ସକାଳେ ଘଣ୍ଟାଏ ଏକ୍ସରସାଇଜ କରିବା ସହ ଯୋଗ, ପ୍ରାଣାୟମ କରିଥାଏ। ଯେତେବେଳେ ମୋ ସାଙ୍ଗମାନେ ମୋ ଫିଟ୍‌ନେସ୍ ରହସ୍ୟ ବିଷୟରେ ପଚାରିଲେ ସେମାନଙ୍କୁ ମୁଁ ଏ ନେଇ କିଛି ଟିପ୍ସ ଦେଇଥିଲି। ଏବେ ସେମାନେ ମୋ ଟିପ୍ସକୁ ଅନୁସରଣ କରୁଛନ୍ତି। 'ପଠାନ୍' ଫିଲ୍ମରେ ଶାହରୁଖଙ୍କ ସହ ମୋତେ ଦର୍ଶକ ଦେଖିବାକୁ ପାଇବେ। 'ଚେନ୍ନାଇ ଏକ୍ସପ୍ରେସ' ପରି ଏଥିରେ ଆମ ଯୋଡି ପୁଣି ଥରେ କମାଲ କରିବ ବୋଲି ଆଶା ରଖିଛି।'

ଦୀପିକା

# ମହର୍ଷି



ଚନ୍ଦନ

**ସ୍ୱା**ଧୀନତା ସଂଗ୍ରାମରେ ଜୟୀ ରାଜଗୁରୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଯେଉଁଥିପାଇଁ ବ୍ରିଟିଶ ଶାସକ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ ପଛାଇ ନ ଥିଲେ। ହେଲେ ତାଙ୍କର ବୀରଗାଥା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ମହର୍ଷି'। ଏପରି ଏକ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ସିନେମାଟିକୁ ନିର୍ମାଣ କରିଛନ୍ତି ପ୍ରଦୀପ କୁମାର ସାହୁ। ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ରମାକାନ୍ତ କରଙ୍କ ନିବେଦିତ ଏହି ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଖାସ୍ କଥା ହେଲା, ଏଥିରେ ଜୟୀ ରାଜଗୁରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଚନ୍ଦନ କର। ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସତ୍ୟବ୍ରତ ନାୟକ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏଥିରେ ଶ୍ରୀତମ ଦାସ, ଜୀବନ ପଣ୍ଡା, ଅଜୟ ପଟେଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ସୁଇମିଙ୍ଗ ଚାମ୍ପିୟନ ସଲମାନ



ସଲମାନ

**ସ**ଲମାନ ଖାଁ ଯେତେବେଳେ ସ୍କୁଲରେ ପଢୁଥିଲେ ସେତେବେଳେ ସେ ଗୋଟିଏ କଥା ପାଇଁ ବେଶ୍ ପ୍ରଶଂସା ସାଉଁଟିଥିଲେ। ତାହା ହେଲା ସୁଇମିଙ୍ଗ। ଅର୍ଥାତ୍, ସେତେବେଳେ ସେ ଜଣେ ଭଲ ସୁଇମର୍ ଥିଲେ। କେବଳ ସେତିକି ନୁହେଁ, ଆନ୍ତ-ସ୍କୁଲ ସନ୍ତରଣ ପ୍ରତିଯୋଗିତାରେ ସେ ଚାମ୍ପିୟନ ହୋଇଥିଲେ। ଏ ନେଇ ସଲମାନ କହନ୍ତି, 'ସ୍କୁଲରେ ପଢ଼ିବା ସମୟରେ ମୋର ସନ୍ତରଣ ପ୍ରତି ଆଗ୍ରହ ଥିଲା। ଧୀରେ ଧୀରେ ମୁଁ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଥିଲି। ପରବର୍ତ୍ତୀ ସମୟରେ ସ୍କୁଲରେ ଆୟୋଜିତ ସନ୍ତରଣ ପ୍ରତିଯୋଗିତାରେ ଚାମ୍ପିୟନ ହେବା ସହ ଇଣ୍ଟର-ସ୍କୁଲ ସୁଇମିଙ୍ଗ କମ୍ପିଟିସନ ପାଇଁ ମନୋନୀତ ହୋଇଥିଲି। ସେଠାରେ ମଧ୍ୟ ମୁଁ ଏହି ଟାଇଟଲ ବଜାୟ ରଖିଥିଲି। ଏବେ ମଧ୍ୟ ସମୟ ମିଳିଲେ ସୁଇମିଙ୍ଗ ପ୍ରାକ୍ଟିସ କରିଥାଏ।' ସଲମାନଙ୍କର ଆଉ ଏକ ଭଲ ଗୁଣ ରହିଛି। ସେ ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ ମଧ୍ୟ କରିଥାଆନ୍ତି। ଏବେ 'ଟାଇଗର-୩' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି ସେ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି କ୍ୟାଟ୍ରିନା କୈଫ।

# ବିକିନି ପାଇଁ ଟେନସନ



ଇଲିୟାନା

**ଇ**ଲିୟାନା ଡି'କ୍ରୁଜଙ୍କ ଟେନସନ ଏବେ ବଢ଼ିଯାଇଛି। ହେଲେ ତା' ପଛରେ ଥିବା କାରଣ କ'ଣ ଜାଣନ୍ତି ? ବିକିନି। କଥା କ'ଣ କି ସେ ସାଇନ୍ କରିଥିବା ଏକ ଅନଟାଇଟଲ୍ଡ ଫିଲ୍ମରେ ତାଙ୍କୁ ବିକିନି ପିନ୍ଧିବାକୁ ପଡିବ। ଏପରି ଶଟ୍ ବିଷୟରେ ଇଲିୟାନା କହନ୍ତି, 'ଏହି ଫିଲ୍ମ ସାଇନ୍ କରିବା ସମୟରେ ମୋତେ ଏ ନେଇ ଜଣାଇ ଦିଆଯାଇଥିଲା। କଥାଟି ଏବେ ମୋ ପାଇଁ ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା ପରି ହୋଇଛି। ଏପରି ଶଟ୍‌କୁ ବାଦ୍ ଦେବାକୁ ପ୍ରଯୋଜକଙ୍କୁ କହିଛି। ହେଲେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ଦୁଇ ସପ୍ତାହ ସମୟ ମଗାଯାଇଛି। ଦେଖାଯାଉ, ସେମାନେ କି ନିଷ୍ପତ୍ତି ନେଉଛନ୍ତି।' ନିକଟରେ ଭ୍ୟାଲେଣ୍ଟାଇନ୍ ଡେ' ଅବସରରେ ଇଲିୟାନା ଏକ ନାଲି ବିକିନି ପିନ୍ଧା ଭିଡିଓ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ, ଯାହା ବେଶ୍ ଭାଇରାଲ ହୋଇଛି। ତେବେ ବର୍ତ୍ତମାନ କ୍ୟାମେରା ସାମ୍ନାରେ ବିକିନି ପିନ୍ଧିବାକୁ ସେ କାହିଁକି ଡରୁଛନ୍ତି ତାହାର କାରଣ ତାଙ୍କୁ ହିଁ ଜଣା।

## ପ୍ରଥମ ରୋଜଗାର



କବି ନୃସିଂହ ତରାଇ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କା ବୋଉ ହାତରେ ଦେଇଥିଲି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ଖର୍ଦ୍ଧାପାଟଣା ଗାଁରେ ମୋ ଜନ୍ମ। ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ କେନ୍ଦ୍ରାପଡ଼ା ଅଟୋନୋମସ୍ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଥିଲି। ତା'ପରେ ରେଭେନ୍ସାରେ ଓଡ଼ିଆ ଭାଷା ସାହିତ୍ୟରେ ପି.ଜି କଲି। ପି.ଜି ସରିବା ପରେ ଏଲ୍ଏଲ୍ବି ପାଇଁ ଆଡ୍ମିଶନ ନେଲି। ହେଲେ କିଛି ଦିନ ଏଲ୍ଏଲ୍ବି ପଢିବା ପରେ ରେଳବାଇ ବିଭାଗରେ ମୋର ଚାକିରି ହୋଇଗଲା। ଏହା ଥିଲା ୧୯୯୯ ମସିହାର କଥା। ଚାକିରିରୁ ଯେବେ ପ୍ରଥମ ମାସ ଦରମା ପାଇଲି ବହୁତ ଖୁସି ଥିଲି। ମନ ଚାହୁଁଥିଲା ଅନେକ କିଛି କରିବାକୁ ହେଲେ ମୁଁ ଥିଲି ନାଚାର୍। କାରଣ ମୁଁ ଯେତେବେଳେ ଚତୁର୍ଥ ଶ୍ରେଣୀରେ ପଢୁଥିଲି, ସେତେବେଳେ ଦେହ ଖରାପରେ ପଡି ବାପା ଆରପାରିକୁ ଚାଲିଗଲେ। ଅବଶ୍ୟ ସେତେବେଳକୁ ମୋ ଉପରେ ଥିବା ବଡ଼ ଭଉଣୀର ବାହାଘର ସରିଯାଇଥାଏ। ହେଲେ ମୋ ତଳେ ଥାଏ ଆଉ ଗୋଟେ ଭାଇ। ଆଉ ଆମ ଦୁଇ ଭାଇଙ୍କର ସବୁ କଥା ବୋଉକୁ ଏକାକୀ ବୁଝିବାକୁ ପଡୁଥାଏ। ବାପା ଯେହେତୁ ସରକାରୀ ଚାକିରି କରିଥିଲେ, ତେଣୁ ପେନ୍ସନ୍ ଟଙ୍କାରେ ଯାହା ଯେମିତି କରି ବୋଉ ଆମ ଦୁଇ ଭାଇଙ୍କୁ ପଢାଇ ମଣିଷ କରିଥିଲା। ସେଥିପାଇଁ ଚାକିରି କଲା ପରେ ଆଗେ ନେଇ ଦରମା ଟଙ୍କାଟିକୁ ବୋଉ ହାତରେ ଦେଇଥିଲି। ବୋଉ ସେଦିନ ବହୁତ ଖୁସି ହୋଇଥିଲା। ତା'ପରେ ଦେଖିଲି ଘର ବହୁତ ପୁରୁଣା ହୋଇଗଲାଣି। ତେଣୁ ନୂଆ ଘର କରିବାକୁ ଚିନ୍ତା କଲି। ବୋଉର ଆଶୀର୍ବାଦରୁ ଘରଟିଏ ମଧ୍ୟ ଗଢିପାରିଲି। ଅବଶ୍ୟ ସେଥିପାଇଁ ମୋତେ ବହୁତ କଷ୍ଟ କରିବାକୁ ପଡିଥିଲା, ଏପରିକି କରଜ ବି କରିବାକୁ ପଡିଥିଲା। ଘର ସରିବା ପରେ ବୋଉର ଇଚ୍ଛାରେ ବାହା ମଧ୍ୟ ହେଲି। ସେଥିପାଇଁ ବି କିଛିଟା ହାତ ଉଧାରି କରିବାକୁ ପଡିଲା। ହେଲେ ଭଗବାନଙ୍କ ଦୟାରୁ ଏବଂ ମୋ ବୋଉର ଆଶୀର୍ବାଦରୁ ଧୀରେ ଧୀରେ କରଜ ସବୁ ସୁଝିବାରେ ମୁଁ ସକ୍ଷମ ହୋଇଥିଲି। ଏବେ ମୁଁ ମୋ ପରିବାର ସହ ବେଶ୍ ଖୁସିରେ ଆଉ ଶାନ୍ତିରେ ସମୟ ବିତାଉଛି। ତେବେ ଚାକିରି କରିବାର ବହୁ ପୂର୍ବରୁ ମୁଁ ସାହିତ୍ୟ ପ୍ରେମରେ ପଡିଯାଇଥିଲି। ବିଶେଷକରି କବିତା ପଢିବା ଆଉ ଲେଖିବା ପ୍ରତି ମୋର ଥିଲା ଖୁବ୍ ଦୁର୍ବଳତା। ମାଟ୍ରିକ୍‌ରେ ପଢିଲାବେଳେ ବେକାରୀ ସମସ୍ୟା ଉପରେ ଏକ କବିତା ଲେଖିଥିଲି, ଯାହାର ଟାଇଟଲ୍ ଥିଲା 'ବେକାର'। ସେ ସମୟରେ ଚୌଦ୍ୱାରରୁ 'ଦହନ' ନାମରେ ଏକ ଖବରକାଗଜ ବାହାରୁଥିଲା। ମୋର ଏହି କବିତାଟି ଉକ୍ତ ଖବରକାଗଜରେ ପ୍ରକାଶ ପାଇବା ପରେ ମୋତେ ଅନେକ ପାଠକୀୟ ପ୍ରଶଂସା ମିଳିଲା ; ଯାହା ମୋତେ ପ୍ରେରଣା ଦେଇଥିଲା ଆଗକୁ ଆହୁରି ଲେଖିବାକୁ। ତେଣୁ ମୁଁ ଲେଖି ଚାଲିଲି। ଯୁକ୍ତ ଦୁଇ ପଢିଲାବେଳେ 'ପଞ୍ଚଶଖା' ନାମରେ ଏକ କବିତା ଲେଖି ଅଲ୍ ଇଣ୍ଡିଆ ରେଡିଓକୁ ପଠାଇଥିଲି। ତାହା ଚୟନ ହେବାରୁ ମୋତେ ଏହାକୁ ପଢିବାକୁ ଡକାଯାଇଥିଲା ; ଯେଉଁଥିପାଇଁ ୧୭୫ ଟଙ୍କା ପାରିଶ୍ରମିକ ବି ମିଳିଥିଲା। ଏହି ଟଙ୍କାରେ ସାଙ୍ଗସାଥୀଙ୍କ ସହ ଭୋଜି କରି ଖାଇଥିଲି। ଆଉ ତା'ପରଠୁ ଆହୁରି କେମିତି ଭଲ କବିତା ଲେଖିବି ସେଥିପାଇଁ ନିଜକୁ ପ୍ରସ୍ତୁତ ବି କରିନେଇଥିଲି। ଯେଉଁଥିପାଇଁ ଯା' ଭିତରେ 'ଶବ୍ଦ ତରଙ୍ଗ', 'ଗୁମ୍ ଖାଏ ମାଟି', 'ଅନ୍ଧାରର ଆରପାଖ', 'ଆକାଶରେ ମେଘ ନାହିଁ' ନାମରେ ଚାରୋଟି କବିତା ସଂକଳନ ମୋର ପ୍ରକାଶ ପାଇସାରିଲାଣି। ତା'ସହିତ ମୋ ଲିଖିତ କେତୋଟି ନିର୍ବାଚିତ କବିତାକୁ ନେଇ ଇଂରାଜୀ ଓ ବଙ୍ଗଳା ଭାଷାରେ ଅନୁବାଦ କରି ଦୁଇଟି ପୁସ୍ତକ ମଧ୍ୟ ସଂକଳନ କରାଯାଇ ସାରିଲାଣି ; ଯାହାର ନାଁ ହେଉଛି 'ପାମ୍ ଫୁଲ୍ ଅଫ୍ ପେନ୍' ଏବଂ 'ଉତ୍ତରଣ'। ତେବେ ମୁଁ କେବଳ କବିତା ଲେଖାରେ ନିଜକୁ ସୀମିତ କରି ରଖିନାହିଁ, ଅନେକ ଗପ ଓ ପ୍ରବନ୍ଧ ବି ଲେଖିଛି କିନ୍ତୁ ସେ ସବୁକୁ କେବେ ପ୍ରକାଶ କରି ନାହିଁ।

*–ଅନ୍ୱିତା*

# ତେରେଛା ଚାହାଣୀକୁ ଲାଜୁଆ ହସ କେତେବେଳେ ମିଠା ପୁଣି କେତେବେଳେ ବିଷ

**ପ୍ରଶ୍ନ**–ସେହି ସୁନ୍ଦରୀ ହସ ମୋତେ ମତୁଆଲା କରିଛି। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ ଜାଣିପାରୁନାହିଁ ?

*–ଅନିକେତ ରାଉତ, ପୁରୀ*

**ଉତ୍ତର:** ସୁନ୍ଦରୀ ହସରେ ଅନେକ କଥା ଲୁଚି ରହିଥାଏ। 'ତେରେଛା ଚାହାଣୀକୁ ଲାଜୁଆ ହସ, କେତେବେଳେ ମିଠା ପୁଣି କେତେବେଳେ ବିଷ।' ତେଣୁ ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ଇସାରା ପାଉଛନ୍ତି, ତେବେ ଡେରି କଲେ ହୁଏତ ଚାନ୍ସଟା ହାତଛଡା ହୋଇଯାଇପାରେ। ବାସ୍, ସମୟ ସୁବିଧା ଦେଖି ତାଙ୍କୁ ନିଜ ମନ କଥା କହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣଙ୍କୁ ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ମୋ ପ୍ରେମ ଆଗକୁ ଆଗେଇବ ତ ?

*–ଦିବାକର ସାହୁ, ବଲାଙ୍ଗୀର*

**ଉତ୍ତର:** ଗୋଟିଏ କଥା ସବୁବେଳେ ମନେ ରଖିବେ, ଏକତରଫା ପ୍ରେମ ଡେଞ୍ଜର। କେତେବେଳେ ଯେ ଏହା ଆପଣଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେବ ତାହା ନିଜେ ଆକଳନ କରିପାରିବେ ନାହିଁ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି ଉତ୍ତର ଦେଉନାହିଁ। ଏବେ କ'ଣ କରିବି ?

*–ସମୀର, ନୟାଗଡ*

**ଉତ୍ତର:** ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ। ପ୍ରେମ କରିବାକୁ ଆଗେଇବା ବେଳେ ମନରେ କୌଣସି ପ୍ରଶ୍ନ ରଖନ୍ତୁ ନାହିଁ। କାରଣ ଏହା ସବୁବେଳେ ମନକୁ ପଛକୁ ଠେଲି ଦେଇଥାଏ। ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ଯଦି ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ତେବେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅଜିତ କୁମାର, କେନ୍ଦ୍ରାପଡା*

**ଉତ୍ତର:** ଅନେକ ସମୟରେ ପ୍ରେମିକାର ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ଖୋଜି ପାରିଲେ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ଏବେ ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛି। କ'ଣ କରିବି ଜାଣିପାରୁନାହିଁ।

*–ଆଦିତ୍ୟ ନାୟକ, କଟକ*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ପ୍ରେମ କରିବାକୁ ଗୋଡ କାଢୁଛନ୍ତି। ତେଣୁ ଏ ନେଇ ଆଗେଇବା ପୂର୍ବରୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।



**ସାଥୀ**





# ଭେଲ୍‌ଭେଟ୍ ଫୁଟ୍‌ୱେର

**ଅଲ୍‌ଟାଇମ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ଆଉଟ୍‌ଫିଟ୍। ତେବେ ଏହାର ଯେ କେବଳ ଆଉଟ୍‌ଫିଟ୍ ଆସିଥାଏ ତାହା ନୁହେଁ, ଏହି ମ୍ୟାଟେରିଆଲ୍‌ର ଖୁବ୍ ସୁନ୍ଦର ସୁନ୍ଦର ଫୁଟ୍‌ୱେର୍ ବି ଏବେ ମିଳିଲାଣି, ଯାହାକୁ ପାର୍ଟି, ଫଙ୍କଶନ୍ ହେଉ ଅବା ଆଉଟିଂ ଏପରି କି ଅଫିସକୁ ବି ପିନ୍ଧି ଯାଇହେବ। ଜାଣନ୍ତୁ ସେମିତି କେତୋଟି ଆକର୍ଷଣୀୟ ଭେଲ୍‌ଭେଟ୍ ଫୁଟ୍‌ୱେର୍ ସମ୍ପର୍କରେ ...**





**ଭେଲ୍‌ଭେଟ୍ ହିଲ୍ସ:** ପାର୍ଟି ପାଇଁ ଏହି ଫୁଟ୍‌ୱେର୍ ପରଫେକ୍ଟ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ଯେକୌଣସି ଡାର୍କ କଲର୍‌ର ଭେଲ୍‌ଭେଟ୍ ହିଲ୍ସ ଏଥିପାଇଁ ଟ୍ରାଏ କରିପାରିବେ। ଖାସ୍‌କରି ଲଙ୍ଗ୍ ଡ୍ରେସ୍ ସହ ଏହି ହିଲ୍ସ ପିନ୍ଧିଲେ ପ୍ରିନ୍‌ସେସ୍ ଲୁକ୍ ମିଳିଥାଏ। ଜିନ୍ସ ସହ ମଧ୍ୟ ଏହାକୁ ପିନ୍ଧାଯାଇପାରେ।

**ଭେଲ୍‌ଭେଟ୍ ବୁଟ୍ସ:** ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଏହି ବୁଟ୍ସ। ଏହାର ମଧ୍ୟ ଅନେକ ଭେରାଇଟି ଆସିଥାଏ। ତନ୍ମଧ୍ୟରୁ ଆଙ୍କେଲ୍ ଲେଙ୍ଗ୍‌ଥ ବୁଟ୍ ଅନ୍ୟତମ। ଏହାକୁ ଆପଣ ଆଉଟିଂ ହେଉ ଅବା ପାର୍ଟି, ଫଙ୍କଶନ୍‌ରେ ବି ପିନ୍ଧିପାରିବେ। ନି ଲେଙ୍ଗ୍‌ଥ ଜିନ୍ସ ହେଉ ଅବା ୱାନ୍ ଥାର୍ଡ କିମ୍ବା ଆଙ୍କେଲ୍ ଲେଙ୍ଗ୍‌ଥ ଜିନ୍ସ ସହ ଏହାକୁ ପିନ୍ଧିଲେ ଭଲ ମାନିଥାଏ। ଆଉ ଯେଉଁମାନେ ଟିକେ ମଡର୍ନ ଲୁକ୍ ଚାହାନ୍ତି, ସେମାନେ ଚାହିଁଲେ ଶର୍ଟ୍ସ ସହ ମଧ୍ୟ ଏହାକୁ ଟ୍ରାଏ କରିପାରିବେ।

**ଫ୍ଲାଟ୍ ଷ୍ଟାଇଲ୍ ଭେଲ୍‌ଭେଟ୍ ଫୁଟ୍‌ୱେର:** କାଜୁଆଲ୍ ଲୁକ୍ ଚାହୁଁଥିଲେ ଆପଣ ବକଲ୍‌ବାଲା ଫ୍ଲାଟ୍ ଭେଲ୍‌ଭେଟ୍ ଫୁଟ୍‌ୱେର୍ କ୍ୟାରି କରିପାରିବେ। ଏହାକୁ ଜିନ୍ସ, ସ୍କର୍ଟ ଅବା ଡ୍ରେସ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧିପାରିବେ।



**ଭେଲ୍‌ଭେଟ୍ ଲୋଫର୍ସ:** କୁଲ୍ କାଜୁଆଲ୍ ଲୁକ୍ ଦେଇଥାଏ ଲୋଫର୍ସ। ଆଉ ଯଦି କଥା ଭେଲ୍‌ଭେଟ୍ ଲୋଫର୍ସର ଉଠେ, ତା'ହେଲେ ତ ଖୁସିର ସୀମା ରହେନାହିଁ। ଖାସ୍ କରି ଜିନ୍ସ ସହ ଏହି ମ୍ୟାଟେରିଆଲ୍‌ର ଲୋଫର୍ସ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ଭେଲ୍‌ଭେଟ୍ ସ୍ନିକର୍ସ:** ଯୁବତୀମାନେ ଚାହିଁଲେ ଭେଲ୍‌ଭେଟ୍ ସ୍ନିକର୍ସ ମଧ୍ୟ ଟ୍ରାଏ କରିପାରିବେ। କାରଣ ଏହା ଟ୍ରେଣ୍ଡି ଲୁକ୍ ଦେଇଥାଏ। କୁଆଡ଼େ ବୁଲିଗଲାବେଳେ ଏହାକୁ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିଥାଏ।








ସୁଧାଂଶୁ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡିଶା ଫ୍ୟାଶନଭିଲା

# ହାଃ ହାଃ

## ମୂର୍ଖ

ରାନୀ ତା' ବୟଫ୍ରେଣ୍ଡ ପିଣ୍ଟୁକୁ ଘରକୁ ନେଇ ଯାଇଥାଏ।
ରାନୀର ବାପା ପିଣ୍ଟୁକୁ: ମୁଁ ଚାହେଁନା ମୋ ଝିଅ ସାରା ଜୀବନ ଗୋଟେ ମୂର୍ଖ ସହିତ ଜୀବନ ବିତାଉ।
ପିଣ୍ଟୁ: ସେଇଥିପାଇଁ ତ ମୁଁ ତାକୁ ବାହାହେଇ ଆପଣଙ୍କଠାରୁ ନେଇଯିବାକୁ ଚାହେଁ।

## ଖୁସି ଖବର

ପୁଅ ମା'କୁ ଫୋନ୍ କରି: ମା' ଖୁସି ଖବର ଅଛି।
ମା' ଖୁସି ହୋଇ: ସତ! ପୁଅ ହେଲା ନା ଝିଅ ?
ପୁଅ: ପୁଅ ହେଇନି କି ଝିଅ ହେଇନି। ମୁଁ ଦ୍ୱିତୀୟ ବିବାହ କରି ତୁମ ପାଇଁ ଆଉ ଗୋଟେ ବୋହୂ ଆଣିଛି।

## ଲୁହ

ଝିଅର ବାପା ବ୍ରାଇଁକୁ: ପୁଅ ଇଏ ମୋର ଗୋଟିଏ ବୋଲି ଅଲିଅଳ ଝିଅ। ତା' ଆଖିରେ ଯେମିତି କେବେ ଲୁହ ଆସିବନି।
ବ୍ରାଇଁ: ହଉ ଠିକ୍ ଅଛି ବାପା। ମୁଁ ତା'ହେଲେ ସବୁବେଳେ ପିଆଜ କାଟିଦେବି। ହେଲେ ଆପଣଙ୍କ ଝିଅକୁ ବାସନ ମାଜିବାକୁ ପଡ଼ିବ।








# ପବିତ୍ର ସ୍ଥଳୀ

# ପର୍‌ଭଣୀ







ମହାରାଷ୍ଟ୍ରର ପର୍‌ଭଣୀ ଜିଲା ଅନ୍ତର୍ଗତ ଏକ ସହର ହେଉଛି ପର୍‌ଭଣୀ। ଏହା ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇଠାରୁ ପ୍ରାୟ ୪୯୧ କି.ମି. ଏବଂ ଔରଙ୍ଗାବାଦ୍‌ଠାରୁ ପ୍ରାୟ ୨୦୦ କି.ମି. ଦୂରରେ ଅବସ୍ଥିତ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ ଏଠାରେ ରହିଛି ଅନେକ ଆକର୍ଷଣୀୟ ଦର୍ଶନୀୟସ୍ଥଳୀ। ବିଶେଷକରି ବହୁ ଦେବଦେବୀ ମନ୍ଦିର ଏଠାରେ ଦେଖିବାକୁ ମିଳିଥାଏ, ଯାହାକୁ ଦର୍ଶନ କରିବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି।

## ଇତିହାସ

ଇତିହାସ ପୃଷ୍ଠାରୁ ଯାହା ଜଣାଯାଏ, ପର୍‌ଭଣୀ ବହୁ ବର୍ଷ ଧରି ସୁଲତାନ୍, ମୋଗଲ ତଥା ନିଜାମମାନଙ୍କ ଶାସନାଧୀନ ରହିଥିଲା। ଆଉ ସେତେବେଳେ ଏହି ସ୍ଥାନର କୌଣସି ପ୍ରଗତି ହୋଇ ନ ଥିଲା। ହେଲେ ଯେତେବେଳେ ଏହା ମହାରାଷ୍ଟ୍ର ଅନ୍ତର୍ଭୁକ୍ତ ହେଲା, ଏହାର ଉନ୍ନତି ହେବାକୁ ଲାଗିଲା। ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ ତଥା ବ୍ୟବସାୟ କ୍ଷେତ୍ରରେ ବି ପର୍‌ଭଣୀର ଧୀରେ ଧୀରେ ନାଁ ହେବାକୁ ଲାଗିଲା।

## ନାମକରଣକୁ ନେଇ ଚର୍ଚ୍ଚା

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ପର୍‌ଭଣୀ ପୂର୍ବେ 'ପ୍ରଭାବତୀ ନଗରୀ' ନାମରେ ବେଶ୍ ପରିଚିତ ଥିଲା। କାରଣ ସେତେବେଳେ ଦେବୀ ପ୍ରଭାବତୀଙ୍କର ଅନେକ ମନ୍ଦିର ଏଠାରେ ଦେଖିବାକୁ ମିଳୁଥିଲା। ସ୍ଥାନୀୟ ଲୋକେ ଦେବୀ ପ୍ରଭାବତୀ କହିଲେ ମାତା ଲକ୍ଷ୍ମୀ ଓ ମାତା ପାର୍ବତୀଙ୍କୁ ହିଁ ବୁଝୁଥିଲେ। ତେବେ ସମୟକ୍ରମେ ପ୍ରଭାବତୀ ନଗରୀ ଅପଭ୍ରଂଶ ହୋଇ ଲୋକମୁଖରେ ପର୍‌ଭଣୀ ନାମରେ ପରିଚିତ ହେବାକୁ ଲାଗିଲା ବୋଲି ଶୁଣିବାକୁ ମିଳିଥାଏ।

**ମହାରାଷ୍ଟ୍ରସ୍ଥିତ ପର୍‌ଭଣୀ ହେଉଛି ଏମିତି ଏକ ଆଧ୍ୟାତ୍ମିକ ପୀଠ; ଯେଉଁଠାରେ ଅନେକ ଦେବଦେବୀଙ୍କ ମନ୍ଦିର ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ଏଠାରେ ବର୍ଷସାରା ଭକ୍ତଗଣଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ...**

## କେବେ ଓ କେମିତି ଯିବେ

ପର୍‌ଭଣୀକୁ ବର୍ଷର ଯେକୌଣସି ସମୟରେ ବୁଲି ଯାଇହେବ। କାରଣ ବର୍ଷସାରା ବୁଲାବୁଲି କରିବା ପାଇଁ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ପର୍‌ଭଣୀ ଜଙ୍କଶନ୍ ରେଲ୍‌ୱେ ଷ୍ଟେଶନ ଏଠାକାର ନିକଟତମ ଷ୍ଟେଶନ ହୋଇଥିବାବେଳେ ଛତ୍ରପତି ଶିବାଜୀ ମହାରାଜ ଇଣ୍ଟର ନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ସେଥିରେ ଯାଇ ଆରାମରେ ପର୍‌ଭଣୀରେ ପହଞ୍ଚିପାରିବେ।

## କ'ଣ ଦେଖିବେ

ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ପର୍‌ଭଣୀରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଦର୍ଶନୀୟ ସ୍ଥାନ। ଖାସ୍ କରି ଏଠାରେ ଅନେକ ଦେବଦେବୀ ମନ୍ଦିର ଦେଖିବାକୁ ମିଳିଥାଏ। ଯେମିତିକି ଶ୍ରୀ ମୋଟା ମାରୁତି ମନ୍ଦିର, ଶ୍ରୀ ସୁପାରୀ ହନୁମାନ ମନ୍ଦିର, ଜବ୍ରେଶ୍ୱର, ଅଷ୍ଟଭୁଜ ମନ୍ଦିର, ପାରଦେଶ୍ୱର ମନ୍ଦିର, ବେଲେଶ୍ୱର ମନ୍ଦିର, ଶ୍ରୀ ସିଦ୍ଧିବିନାୟକ ଗଣପତି ମନ୍ଦିର, ନାଗରାଜ ମନ୍ଦିର, ମାତା ହିଙ୍ଗୁଳା ଅମ୍ବିକା ମନ୍ଦିର, ମୁଦ୍‌ଗଲେଶ୍ୱର ମନ୍ଦିର, ପିଙ୍ଗଳେଶ୍ୱର ମନ୍ଦିର ଇତ୍ୟାଦି ଅନ୍ୟତମ। ଏସବୁ ବ୍ୟତୀତ ପର୍‌ଭଣୀର ଅନ୍ୟତମ ଆକର୍ଷଣ ହେଉଛି ତୁରବୁଲ ହକ୍ ଦର୍ଘା। ଏଠାରେ ପ୍ରତିବର୍ଷ ପାଳିତ ହେଉଥିବା ବାର୍ଷିକୋତ୍ସବ ଖୁବ୍ ମନୋମୁଗ୍ଧକର ହୋଇଥାଏ, ଯାହାକୁ ଦେଖିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଏସବୁ ବ୍ୟତୀତ ପର୍‌ଭଣୀରେ ଅନେକ ଚର୍ଚ୍ଚ ବି ଦେଖିବାକୁ ମିଳେ।









# କନ୍‌ଫରେନ୍ସ ସାଇକେଲ

ପେଡାଲ ମାରି ଏହାକୁ ଚଳା ଯାଉଥିବାରୁ ଏହା ଏକ ସାଇକେଲ ବୋଲି କୁହାଯାଏ। କିନ୍ତୁ ଏହାକୁ ଦେଖିଲେ କେହି ବି କହିବେନି ସାଇକେଲ ବୋଲି। କାରଣ ଏହା ଆଦୌ ସାଧାରଣ ସାଇକେଲ ଭଳି ନୁହେଁ। ଏଥିରେ ସାତୋଟି ସିଟ୍ ଗୋଲାକାରରେ ରହିଥାଏ। ଅର୍ଥାତ୍ ଏଥିରେ ଏକାଥରେ ସାତ ଜଣ ବସି ଯାଇପାରିବେ। କିନ୍ତୁ ଗୋଟିଏ ଷ୍ଟିୟରିଂ ଥାଏ, ଯାହାକୁ ଜଣେ ବ୍ୟକ୍ତି କଣ୍ଟ୍ରୋଲ କରିବେ। ଆଉ ଅନ୍ୟ ସମସ୍ତେ ପେଡାଲ ମାରି ସାଇକେଲକୁ ଗତି ଶୀଳ କରାଇବେ। ଏହାକୁ ସାତ ଜଣ ମିଶି ଚଳାଇବାବେଳେ ଲାଗେ ସତେ ଯେମିତି କିଛି ଲୋକ ଗୋଲାକାରରେ ବସି ମିଟିଂ କରୁଛନ୍ତି। ତେଣୁ ଏହାର ନାଁ କନଫରେନ୍ସ ସାଇକେଲ ବା କନଫରେନ୍ସ ବାଇକ। ୧୮ଟି ଦେଶରେ ଏବେ ୩୦୦ଟି କନଫରେନ୍ସ ବାଇକ ଅଛି। ସାଧାରଣତଃ ଏହାକୁ ଟୁରିଜମ୍ ପାଇଁ ଓ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ବ୍ୟବହାର କରାଯାଉଛି। ଏହାର ଲମ୍ବ ୮ ଫୁଟ ୨ ଇଞ୍ଚ ହୋଇଥିବାବେଳେ ଓସାର ୫ ଫୁଟ ୧୧ ଇଞ୍ଚ ଓ ଓଜନ ୨୨୦ କି.ଗ୍ରା.।

## କାର୍ଟୁନ କର୍ନର





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଗୋଇଠା କରାମତି



ନଟଖଟିଆ ନଟବରବାବୁ ବନାମ ମୋ ସାଙ୍ଗ ନଟିଆ ଯେମିତି ଢଙ୍ଗରେ ମୁହଁକୁ ଶୁଖେଇ ଆସୁଥିଲା, ତାକୁ ଦେଖି ମୋ ହାଲୁକ ଶୁଖିଗଲା । ମତେ ଲାଗୁଥିଲା କିଛି ଅଘଟଣ ପାଇଁ ତା' ଅନ୍ତରାତ୍ମାକୁ ଖୁବ୍ ବାଧୁଥିବାରୁ ବୋଧେ ସେ ଆତ୍ମହତ୍ୟା କରିବାକୁ ଯାଉଛି । ତାକୁ ଅଟକେଇ ପଚାରିଲି, ''ନଟରେ ! ତୁ କ'ଣ ସତରେ ଆତ୍ମହତ୍ୟା କରିଦେବୁ ?'' ଚାଉଁକିନା ଚମକି ପଡ଼ି ମତେ କହିଲା – ''ତୁ କେମିତି ଜାଣିଲୁ ?'' ତାକୁ ବୁଝେଇ କହିଲି, ଆମ୍ଭେ ଲେଖକ, କବି ସବୁ ମୁହଁର ଛବି ଦେଖି ଭାବି ପେଟକଥା କହିଦେଇପାରୁ ଯେମିତି ସୂଚୀପତ୍ରରୁ ବହିଭିତର ବିଷୟବସ୍ତୁ ଜଣାଗଲା ପରି । ତେବେ କ'ଣ ପାଇଁ ଜୀବନ ପ୍ରତି ଏତେ ବିତୃଷ୍ଣା ସାଙ୍ଗ ବୋଲି ମୋ ଆଗରେ ସତ କହ । ଚାପି ରଖିଥିବା କ୍ରୋଧଭରା କୋହ, ବଢ଼ିପାଣି ବନ୍ଧ ଭାଙ୍ଗି ମାଡ଼ିଗଲା ପରି ଭେଁ ଭେଁ ରଡ଼ିକରି କହିଲା, ମୋ ସ୍ତ୍ରୀ ପାଇଁ ମୁଁ ମରିବାକୁ ଯାଉଥିଲି । ନାଇଁ ନାଇଁ ମତେ ଘରଭିତରେ ଯାହା କହୁଥିଲୁ କି ପିଟୁଥିଲୁ ମୁଁ ସହୁଥିଲି । ହେଲେ କାଲି ଦାଣ୍ଡରେ ସବୁ ଲୋକଙ୍କ ଆଗରେ... ଏମିତି ଠିଆ ଗୋଇଠା ମାରିଲା ଯେ, ମୁଁ ନଟୁ ପରି ଘିରିଘିରି ତଳେ ପଡ଼ିଲାବେଳକୁ ସେ ଅଭଦ୍ର ଲୋକଗୁଡ଼ା କିକିକିରି ହୋଇ ହସିହସି ଗଉଥିଲେ । ଧିକ୍ ମୋ ପୁରୁଷପଣିଆ– ଧିକ୍ ମୋ ଜୀବନ । ସମସ୍ତଙ୍କ ସାମନାରେ ଯୋଉ ବେଇଜ୍ଜତ କଲା, ଭାବୁଛି ଘର ପଛେ ପୋଡୁ – ଛାରପୋକ ମରିବା ନ୍ୟାୟରେ ମୁଁ ମରିବି – ତାକୁ ବିଧବା କରି ବୁଦ୍ଧି ଶିଖେଇବି ।

ତା'ର ଏମନ୍ତ ଧୈର୍ଯ୍ୟହରା ଦେଖି କହିଲି, ଧ । ସେ ଧରିବାକୁ ଆସୁ ଆସୁ କହିଲି ଆରେ ମତେ ନୁହଁ, ଧୈର୍ଯ୍ୟ ଧ । ଆଚ୍ଛା କହିଲୁ, କ'ଣ ପାଇଁ ତତେ ଭାଉଜ ଏମିତି ଶକତ ଗୋଇଠା ମାରିଲା ? କହିଲା, ତୁ ତ ଜାଣୁ ମୁଁ ପିଏ । ମୁଁ କହିଲି ତୁ କିରାଣି ଚାକିରି କରି କେବେଠୁ କାହାର ପିଏ ହେଲୁଣି ? ମାନେ ଭାଉଜଙ୍କ ପର୍ସନାଲ ଆସିଷ୍ଟାଣ୍ଟ ତ ? ମୁରୁକି ହସି କହିଲା, ''ଆରେ ନାଇଁରେ । ମୁଁ ମାନୁଛି ନିଇତି ମାଲ୍ ପିଏ । ହେଲେ ମୁଁ କ'ଣ କାହା ବୋପା ପଇସାରେ ପିଏ ? ମୋ ମେହନତି କମେଇରେ ମୁଁ ମାଲ୍ ପିଇଲି କି ଆଉ କୋଉଠି ଟଙ୍କା ଉଡ଼େଇଲି– ସେ କଥା କହିବାକୁ ସିଏ କିଏ ? ନା, ଏ ଗୋଇଠା ମାଡ଼ର ବଦଲା ନେବି । ଆତ୍ମହତ୍ୟା କରିଦେବି ।''

ଆଁ କରି ତା' କଥା ଶୁଣୁଶୁଣୁ କହିଲି ତୁ ମହାଭାଗ୍ୟବାନ୍ । ଯିଏ ସ୍ତ୍ରୀ କିମ୍ବା ଅନ୍ୟଠୁ ଗୋଇଠା ମାଡ଼ ଖାଆନ୍ତି, ସେମାନେ ନରରୁ ନାରାୟଣ ମାନେ ଭଗବାନ ପାଲଟିଯା'ନ୍ତି । ହେଇ ଦେଖ ଛୁଆ ଯେତେବେଳେ ମା' ଗର୍ଭରେ ଥାଏ, ଯେତେ ଗୋଇଠା ମାଡ଼ ଦେଉଥାଏ, ମା' ସେତେ ଖୁସିହୁଏ । ଜନ୍ମପରେ କୋଳରେ ଧରିଲାବେଳେ ଯେତେ ଯେତେ ଗୋଇଠା ମାଡ଼ ଗୋଡ଼ ହଲେଇ ପିଟୁଥାଏ – ମା' ସେତେ ହସୁଥାଏ । ବାପା କି ମା' ସାନବେଳରୁ ପିଲାର ଗୋଇଠା ମାଡ଼ ଖାଇ ଖୁସି ହୁଅନ୍ତି ବୋଲି ମାତାପିତାଙ୍କୁ ଭଗବାନ୍ ବୋଲି କହନ୍ତି । ତା'ଛଡ଼ା ଶ୍ରୀବତ୍ସ ବ୍ରାହ୍ମଣ ଭଗବାନଙ୍କ ଛାତିକି ଗୋଇଠା ମାରିଲା । ନାରାୟଣ ଭକ୍ତ ଶ୍ରୀବତ୍ସ ପାଦକୁ ଆଉଁଶି କହିଲେ– ଲୋକେ କହନ୍ତି ମୋର କୁଆଡ଼େ କଠିନ ହୃଦୟ ପଥର ଛାତି । ତା' ପାଦକୁ କେଡ଼େ କଷ୍ଟ ଲାଗି ନ ଥିବଟି । ଶ୍ରୀକୃଷ୍ଣ ବି ଶ୍ରୀରାଧାଙ୍କ ପାଦକୁ ଧରି କହୁଥିଲେ ''ସ୍ମରଗରଳ ଖଣ୍ଡନଂ ମମଶିରସି ମଣ୍ଡନଂ ଦେହି ପଦ ପଲ୍ଲବ ମୁଦାରମ୍ ।'' ପ୍ରିୟାର ପାଦ ମଥାରେ ରଖିଲେ କୁଆଡ଼େ ସବୁ ପୀଡ଼ା ପଳାଏ । ଆଉ ତୋ ପତ୍ନୀଙ୍କ ପଦାଘାତରେ ଯଦି ମଦ୍ୟପାନର ନିଶା ସହିତ ଦେହର ପୀଡ଼ା ନ ଯାଇଥାନ୍ତା, ତେବେ କ'ଣ ସେଇଠୁ ଉଠି ଏଯାଏ ଆସିପାରିଥାନ୍ତୁ ? କଥାରେ ଅଛି, ପତ୍ନୀଙ୍କ ଗୋଇଠା ଯାହାଠି ବାଜଇ / ଦିବ୍ୟଜ୍ଞାନ ତା'ଠି ଉଦେ ହୋଇ । ଯେମିତି କାଳିଦାସ ପତ୍ନୀଙ୍କଠାରୁ ଗୋଇଠା ମାଡ଼ ଖାଇଲାପରେ ମହାମୂର୍ଖରୁ କେତେବଡ଼ କବି ହୋଇଗଲେ । ତେଣୁ ପତ୍ନୀ ପାଦ ତୋ'ଠି ବାଜିଛି ମାନେ, ତୁ ଭଗବାନ ତୁଲ୍ୟ ଦିନେ ଜଗତ ବିଖ୍ୟାତ ହେବୁ ବୋଲି ମୋ ମନ କହୁଛି । ଯା ତା' ଚରଣ ଧରି ଆଉଁଶି ପକା । ଆହା ! ତୋ ଟାଣୁଆ ଦେହରେ ବାଜି ତା' କୋମଳ ପାଦକୁ କେଡ଼େ କଷ୍ଟ ହୋଇ ନ ଥିବ ସତେ !

ଆଚ୍ଛା ଆଚ୍ଛା ବିଜ୍ଞ, ରାଜନେତାମାନେ ବଡ଼ ହେବାପାଇଁ ସାଧୁ ଭେକଧାରୀ ନକଲିବାବାଙ୍କ ପଦଧୂଳି ମୁଣ୍ଡରେ ବୋଳି, ଚରଣାମୃତ ପାନକରି ରାଇଜ ବିଖ୍ୟାତ ହୋଇଛନ୍ତି ଆପଣାର ଗାଢ଼ ବିଶ୍ୱାସ ବଳରେ । ବିଶ୍ୱାସରେ ପଥର ବି ଦେବତା ହୋଇଯା'ନ୍ତି । ଆଉ ମଣିଷ ତ ଜୀବନ୍ତ । କେତେ ଭକ୍ତଙ୍କ ଗୋଇଠା ମାଡ଼ ଖାଇ ବିଶ୍ୱାସ ବଳେ ଦୁରାରୋଗ୍ୟ ବ୍ୟାଧି ବି ଭଲହୋଇଯିବାର ଶୁଣାଯାଏ । ତୁ ମହାଭାଗ୍ୟବାନ୍ ଯିଏ ଅଯାଚିତ ପଦାଘାତ ପତ୍ନୀ ତରଫରୁ ପ୍ରାପ୍ତି ହୋଇଛି ।

ଏଥର ନଟିଆ ମତେ କୁଣ୍ଢେଇ କହିଲା, ହଁ ତ । ତୁ ଏତେ ଶାସ୍ତ୍ର ପୁରାଣର ଉଦାହରଣ ଦେଇ କ'ଣ କେବେ ମିଛ କହିପାରୁ ? ନା ସତ ପୂରା ସତ । ତା'ଛଡ଼ା ମୁଁ ସିନା ମରଦ ହେଇ ମଦ ପିଇବାରୁ ପଦାଘାତ ହେଲା ! ମୁଁ ହସିହସି କହିଲି, ହେଇ, ତୋର ବି ଦିବ୍ୟଜ୍ଞାନ ଫୁଟିଲାଣି, ଭୁଲ୍ ବୁଝିଲୁଣି ।

ମୋ କଥାରେ ପମ୍ପ ନ ଥିବା ଫୁଟ୍‌ବଲ୍ ପୁନଃ ଫୁଲି ଡେଇଁଲା ଭଳିଆ ଡେଇଁ ଡେଇଁ ଯାଇ ପତ୍ନୀ ପାଦ ଆଉଁଶି ସବୁ ଭୁଲ୍ ସ୍ୱୀକାର କରି ମଦ ଛାଡ଼ିବାର ସଂକଳ୍ପ ନେଇଗଲା । ଭୁଲ୍ ମାନି କହିଲା, ଧନ୍ୟରେ ନାରୀ । ଗୋଇଠା ପ୍ରଦାନକାରୀ, ଜ୍ଞାନଦାତ୍ରୀ । ତୁମ ପଦାଘାତ ବଳରେ ବନ୍ଧୁଦର୍ଶନ ଓ ମୋର ଦିବ୍ୟଜ୍ଞାନ ଉଦୟ ସିନା ହେଲା ।

ଫକୀରମୋହନଙ୍କ ଲେଖାରେ ମଦୁଆ ଚନ୍ଦ୍ରମଣିଙ୍କୁ ପତ୍ନୀ ସୁଲୋଚନା ଝାଡୁରେ ବାଡ଼େଇବା ପରେ ଯେମିତି ଅନୁତାପ କରି କ୍ଷମା ମାଗିଥିଲେ ଠିକ୍ ସେମିତି ନଟିଆ ପତ୍ନୀ ସୁଲକ୍ଷଣା ପାଦଧରି ପତିଙ୍କୁ କ୍ଷମା ମାଗି କହିଲେ, ''ଯେତେହେଲେ ତମେ ମୋର ସ୍ୱାମୀ – ଇହ ପର କାଳ ଦେବତା । ମତେ କ୍ଷମା କରିଦିଅ ।''

*–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ, ମୋ : ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା

### ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟପାଠ

**ଡକ୍ଟର ରବିନାରାୟଣ ମହାରଣା**

**ପ୍ରକାଶକ–ଅଗ୍ରଦୂତ, କଟକ, ମୂଲ୍ୟ–୩୦୦ଟଙ୍କା**

ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟପାଠ ଡକ୍ଟର ରବିନାରାୟଣ ମହାରଣାଙ୍କ ଗବେଷଣା ଗ୍ରନ୍ଥ । ସେ ଏଥିରେ ୭ଟି ବିଷୟରେ ଆଲୋଚନା କରିଛନ୍ତି । ସେଗୁଡ଼ିକ ହେଲା ସାରସ୍ୱତ ଜୀବନୀ ଓ ରଚନାବଳୀ, ଓଡ଼ିଆ କବିତାରେ ରୋମାଣ୍ଟିକ୍ ଚେତନା ଓ କବି ସଚ୍ଚିଦାନନ୍ଦ ରାଉତରାୟ, ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା ଓ କବି ସଚ୍ଚିଦାନନ୍ଦ ରାଉତରାୟ,ଓଡ଼ିଆ କବିତାରେ ଆଧୁନିକ ଚେତନା ଓ କବି ସଚ୍ଚିଦାନନ୍ଦ ରାଉତରାୟ, ଛନ୍ଦ ଓ ମେଳ, କବିତାର ଭାଷା: ମିଥ୍, ପ୍ରତୀକ ଓ ଚିତ୍ରକଳ୍ପ, ଆଧୁନିକ ଓଡ଼ିଆ କବିତାରେ ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରଭାବ ଓ ଶେଷରେ ରହିଛି କାବ୍ୟାନୁବାଦକ ସଚ୍ଚିଦାନନ୍ଦ ରାଉତରାୟ । ପ୍ରଥମ ପ୍ରକରଣଟିରେ କବିଙ୍କର ବ୍ୟକ୍ତିଗତ ଜୀବନ ସହିତ ତାଙ୍କ କବି ଜୀବନଟି କିପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ କାଳ କବିତା ରଚନା କରିଚାଲିଛନ୍ତି, ତା'ର ବ୍ୟାପକ ଆଲୋଚନା କରାଯାଇଛି । ଡକ୍ଟର ମହାରଣାଙ୍କ ପୁସ୍ତକ ଗବେଷକ, ଛାତ୍ର ଏବଂ ଅନ୍ୟମାନଙ୍କ ପାଇଁ ପଥିକୃତ ସାବ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ ।




### ଗାନ୍ଧୀ ସୌରଭ

**ମୁଖ୍ୟ ସମ୍ପାଦକ–ପ୍ରଫେସର ମେଜର ରମାରମଣ ପାଢ଼ୀ**

**ସମ୍ପାଦକ–ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ**

**ପ୍ରକାଶକ–ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ବ୍ରହ୍ମପୁର,ମୂଲ୍ୟ–ନିଃଶୁଳ୍କ**

'ଗାନ୍ଧୀ ସୌରଭ' ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଓ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ସ୍ମୃତିଗ୍ରନ୍ଥ । ଏଥିରେ ୫୮ଜଣଙ୍କର ଚମତ୍କାର ଲେଖା ସ୍ଥାନିତ ହୋଇଛି । ଯେଉଁଥିରେ ଗାନ୍ଧୀଙ୍କ ଓଡ଼ିଶା ଆଗମନ ବିଷୟରେ ତାଙ୍କ ଜୀବନର ଅକୁହା ଏବଂ ଅଜଣା କଥା ସ୍ଥାନିତ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନକୁ ଅଧିକ ସ୍ମରଣୀୟ କରିବା ଏବଂ ଗାନ୍ଧୀ ସ୍ମୃତି ଦେଶବାସୀଙ୍କ ହୃଦୟରେ ସଞ୍ଚାର କରିବା ହେଉଛି ସଂକଳନର ମୁଖ୍ୟ ଉଦ୍ଦେଶ୍ୟ । ଗାନ୍ଧୀଙ୍କ ଓଡ଼ିଶା ଆଗମନ ଓ ବ୍ରହ୍ମପୁରରେ ରହଣି ସମ୍ପର୍କରେ ଲିପିବଦ୍ଧ ଓ ପ୍ରମାଣସିଦ୍ଧ କରିବା ଉଦ୍ଦେଶ୍ୟରେ ଏହା ଏକ ତଥ୍ୟ ସଂକଳିତ ପୁସ୍ତକ । ଏଥିରେ ଅନେକ ଉପାଦେୟ ତଥ୍ୟ ଓ ଲେଖା ଯାହା ଆମ ସମସ୍ତଙ୍କ ଲାଗି ଅମୂଲ୍ୟ ଓ ସଂଗ୍ରହଣୀୟ । ଆଶା ପୁସ୍ତକଟି ଗାନ୍ଧୀପ୍ରେମୀ ଓ ସବୁ ବର୍ଗର ପାଠିକା ପାଠକଙ୍କ ଲାଗି ସଂଗ୍ରହଣୀୟ ଓ ସ୍ମରଣୀୟ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ ।




### ତୁମପାଇଁ ଗପଟିଏ

**ଲେଖକ–ଇଂ. ଜଗଦୀଶ ମିଶ୍ର**

**ପ୍ରକାଶକ– ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର,ମୂଲ୍ୟ–୧୨୦ଟଙ୍କା**

ତୁମପାଇଁ ଗପଟିଏ ପୁସ୍ତକର ଲେଖକ ଇଂ. ଜଗଦୀଶ ମିଶ୍ର । ଏଥିରେ ୨୦ଟି ଗପ ସ୍ଥାନ ପାଇଛି । ଏହି କ୍ଷୁଦ୍ର ଗଳ୍ପଗୁଡ଼ିକରେ ପ୍ରେମ ଓ ପ୍ରଣୟଧର୍ମୀ କାହାଣୀ ସ୍ଥାନିତ ହୋଇଛି । ଗପଗୁଡ଼ିକର ପରିଣତି ଅନେକ ସମୟରେ ବିୟୋଗାନ୍ତକ ଅବସ୍ଥାରେ ଥିବାରୁ ସେଗୁଡ଼ିକ ପାଠକୀୟତା ଲାଭ କରିଛି । ସେଗୁଡ଼ିକ ମଧ୍ୟରେ ରକ୍ତ ଗୋଲାପ, ସମ୍ପର୍କ ହୃଦୟର ଓ କଳା ସିନ୍ଦୂର ଭଳି ଆହୁରି ଅନେକ ଚମତ୍କାର ଗପ ରହିଛି । ଏଥିରେ ଦାମ୍ପତ୍ୟ ଜୀବନ କିଭଳି ଭୁଶୁଡ଼ି ପଡୁଛି ତା'ର ଉଦାହରଣ ଗପଗୁଡ଼ିକରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ତ୍ୟାଗ ଓ ସହନଶୀଳତା ପରିବର୍ତ୍ତେ କେତେବେଳେ ଜଣେ ପରକୀୟା ପ୍ରୀତିରେ ସମ୍ପୃକ୍ତ ରହୁଛି ତ କେଉଁଠି ଏହାକୁ ବରଦାସ୍ତ କରି ନ ପାରି ସ୍ୱାମୀ ଆତ୍ମହତ୍ୟା କରୁଛି । କେତେକ ଗଳ୍ପରେ ନାୟିକା ଉଚ୍ଚ ଶିକ୍ଷିତା ହୋଇ ପ୍ରେମଭଳି ପବିତ୍ରତାରେ ଦାଗ ଲଗାଇ ଦେହ ଭୋଗକୁ ତୀବ୍ର ବାସନା ଭିତରେ ସ୍ୱାମୀ, ଗୃହ ଓ ସନ୍ତାନ ପରିତ୍ୟାଗ କରିବାକୁ ପଛାଉ ନାହାନ୍ତି ବୋଲି ଗାଳ୍ପିକ କହିଛନ୍ତି । ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ ।



ବ୍ୟାକ୍ ପେଜ୍

# ୪୬୫ ଦିନ ଯାଏଁ ଫାଟିବନି ଫୋଟକା

ପାଣି ଫୋଟକାର ଆୟୁଷ ବା କେତେ? କିଛି କ୍ଷଣ ପରେ ତାହା ଫାଟିଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ବୈଜ୍ଞାନିକ ଏମିତି ଏକ ଫୋଟକା ତିଆରି କରିଛନ୍ତି ଯାହା ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଫାଟିବନି। ଫ୍ରାନ୍ସର କେତେଜଣ ବୈଜ୍ଞାନିକ ପ୍ଲାଷ୍ଟିକର ମାଇକ୍ରୋ ପାର୍ଟିକଲ ବା ଅତି କ୍ଷୁଦ୍ର କଣିକା, ଗ୍ଲିସରାଲ(ଏକପ୍ରକାରର ଅଠାଳିଆ ସ୍ୱଚ୍ଛ ତରଳ ପଦାର୍ଥ) ଓ ପାଣିକୁ ବ୍ୟବହାର କରି ଲମ୍ବା ସମୟ ପର୍ଯ୍ୟନ୍ତ ନ ଫାଟିବା ଭଳି ଫୋଟକା ତିଆରି କରିଛନ୍ତି। ଏମିତି କି ଏହି ଫୋଟକା ୪୬୫ ଦିନ ପର୍ଯ୍ୟନ୍ତ ନ ଫାଟି ରହିପାରିବ। ଏହିସବୁ ଉପାଦାନ ଫୋଟକାର ସେହିସବୁ କାରକଗୁଡ଼ିକୁ ଅଟକାଇଥାଏ ଯାହା ଫୋଟକା ଶୀଘ୍ର ଫାଟିବାର କାରଣ ହୋଇଥାଏ। ସାଧାରଣତଃ ଫୋଟକାରେ ତରଳ ପଦାର୍ଥ ତଳଭାଗରେ ରହିଯାଏ ଓ ଉପରଭାଗରେ ଏକ ପତଳା ପରଦା ଭଳି ରହେ। ତେଣୁ ଏହା ଶୀଘ୍ର ଫାଟିଯାଏ। ତାସହ ବାଷ୍ପୀକରଣ ଫୋଟକାର ଶକ୍ତିକୁ କମ୍ କରିଦିଏ। କିନ୍ତୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଫୋଟକାରେ ପ୍ଲାଷ୍ଟିକ କଣିକା



ସବୁବେଳେ ଫୋଟକାର ପାଣି ସହ ଲାଗି ରହେ। ଫଳରେ ଫୋଟକାର ମୋଟେଇ ବଜାୟ ରହେ। ଆଉ ଗ୍ଲିସରାଲ ବାୟୁର ଆର୍ଦ୍ରତାକୁ ଅବଶୋଷିତ କରି ବାଷ୍ପୀକରଣକୁ ରୋକି ଥାଏ। ତେଣୁ ଫୋଟକା ଅଧିକ ସମୟ ପର୍ଯ୍ୟନ୍ତ ନ ଫାଟି ରହି ପାରୁଛି। ହେଲେ ଫାଟିବା ପୂର୍ବରୁ ଉକ୍ତ ଫୋଟକାର ରଙ୍ଗ ପରିବର୍ତ୍ତିତ ହୋଇ ସବୁଜ ହୋଇଯାଇଥିଲା। ଯାହାକି ଫୋଟକା ଫାଟିବାର ସଂକେତ ଥିଲା। ବୈଜ୍ଞାନିକଙ୍କ ଅନୁସାରେ ରୋଗାଣୁମାନେ ଫୋଟକାରେ ନିବାସ କରିବାରୁ ଏହାର ସଂରଚନା ଦୁର୍ବଳ ହୋଇଗଲା। ଆଉ ତାହା ଫାଟିଗଲା।







# ଜିରାଫ ନା ଜେବ୍ରା!

ଇଏ ଏମିତି ଏକ ପ୍ରାଣୀ ଯାହାକୁ ଦେଖିଲେ ଯେକେହି ଦ୍ୱନ୍ଦ୍ୱରେ ପଡିଯିବେ। ଆଉ ଘଡିଏ ଅପଲକ ନୟନରେ ଚାହିଁବେ। ଭାବିବେ ପ୍ରକୃତରେ ଏହା ଏକ ଜିରାଫ ନା ଜେବ୍ରା। କାରଣ ଏହାର ମୁହଁକୁ ଦେଖିଲେ ଲାଗିବ ଏହା ଏକ ଜିରାଫ କିନ୍ତୁ ଶରୀରର ପଛଭାଗର କଳାଧଳା ଚିତ୍ରିତ ପଟିକୁ ଦେଖିଲେ ଲାଗିବ ଏହା ଏକ ଜେବ୍ରା। ଏହି ପ୍ରାଣୀ ଶରୀରର ମଝିଭାଗ କିନ୍ତୁ କଳା ଅବା ବାଦାମୀ ରଙ୍ଗର ହୋଇଥାଏ। ତେବେ ଉକ୍ତ ଅଜବ ପ୍ରାଣୀଟି ହେଉଛି 'ଓକାପି'। ଏହାକୁ ଫରେଷ୍ଟ ଜିରାଫ, କଙ୍ଗୋଲିଜ୍ ଜିରାଫ, ଜେବ୍ରା ଜିରାଫ ମଧ୍ୟ କୁହାଯାଏ। ମଧ୍ୟ ଆଫ୍ରିକାର କଙ୍ଗୋରେ ଏହି ଅଜବ ପ୍ରାଣୀ ଦେଖିବାକୁ ମିଳନ୍ତି। ଏହାର ଉଚ୍ଚତା ୪.୯ଫୁଟ୍, ଶରୀରର ଲମ୍ବ ୮.୨ ଫୁଟ୍ ଓ ଓଜନ ୨୦୦-୩୫୦କି.ଗ୍ରା. ହୋଇଥାଏ। ଏହାର ଏକ ଲମ୍ବା ବେକ ଓ ବଡ କାନ ଥାଏ। ଏମାନେ ଶାକାହାରୀ। ଏହା ଜିରାଫ ପ୍ରଜାତିର ପ୍ରାଣୀ ଅଟନ୍ତି।

# ଏତେ ବଡ ବୁଣା କଣ୍ଟା!

ଘରେ ଜେଜେମା', ମା' କିମ୍ବା ଅନ୍ୟ କେହି ମହିଳା ସ୍ୱେଟର୍, ମଫଲର୍ ଆଦି ବୁଣୁଥିବାର ନିଶ୍ଚୟ ଦେଖିଥିବେ। ଉଲ ଓ ଦୁଇଟି ବୁଣା କଣ୍ଟା ସାହାଯ୍ୟରେ ଏହାକୁ ବୁଣି ତିଆରି କରାଯାଇଥାଏ। ଯଦିଓ ଆଜିକାଲି ମେସିନ୍ ତିଆରି ଶୀତବସ୍ତ୍ର ଆସିଲାଣି। ହେଲେ ହାତରେ ବୁଣା ଜିନିଷର କଥା ଅଲଗା। ଏଥିରେ ବୁଣୁଥିବା ବ୍ୟକ୍ତିଙ୍କର ଭଲ ପାଇବା ରହିଥାଏ। ଉଲ ବୁଣା କଣ୍ଟା ଛୋଟିଆ ହେଲେ ବି ତା ସାହାଯ୍ୟରେ ଭିନ୍ନ ଭିନ୍ନ ଡିଜାଇନ୍‌ର ଶୀତବସ୍ତ୍ର ତିଆରି କରିହୁଏ। ତେବେ ୟୁକେ ଓ୍ୱିଲ୍ଟଶାୟରର ଏଲିଜାବେଥ୍ ବଣ୍ଡ ତିଆରି କରିଛନ୍ତି ପୃଥିବୀର ସବୁଠାରୁ ବଡ଼ ଉଲ ବୁଣା କଣ୍ଟା, ଯାହା ଦେଖିବାକୁ ମଣିଷଠାରୁ ଦୁଇଗୁଣରୁ ଅଧିକ ଉଚ୍ଚତାବିଶିଷ୍ଟ। ତେଣୁ ହାତରେ ଧରି ସାଧାରଣଭାବେ ଏଥିରେ ବୁଣିବା ଆଦୌ ସହଜ ନୁହେଁ। ତା'ଛଡା ଏଥିରେ ଯେ, ବୁଣି ହେବ ତାହା ବି କେହି ବିଶ୍ୱାସ କରି ପାରିବେ ନାହିଁ। କାରଣ ଏହାର ଲମ୍ବ ହେଉଛି ୧୪ ଫୁଟ୍ ୬.୩୩ ଇଞ୍ଚ ଏବଂ ବ୍ୟାସ ୩.୫୪ ଇଞ୍ଚ। ତେବେ ଏଲିଜାବେଥ୍ ମୋଟା ଉଲ୍ ନେଇ ଉକ୍ତ ବିରାଟକାୟ ବୁଣା କଣ୍ଟା ସାହାଯ୍ୟରେ ୧୦ ଧାଡି ବୁଣିଥିଲେ। ଯାହାକୁ ନ ଦେଖିଲେ ବିଶ୍ୱାସ ହେବ ନାହିଁ। ଏଲିଜାବେଥ୍ ଏହାକୁ ହାଲ୍‌କା କରିବା ଲାଗି ଫମ୍ପା ପ୍ଲାଷ୍ଟିକ୍ ଟ୍ୟୁବ୍ ବ୍ୟବହାର କରିଛନ୍ତି। ଏହାର ନବ୍ ଓ ପଏଣ୍ଟକୁ ବି ସେ ପ୍ଲାଷ୍ଟିକ୍‌ରେ ତିଆରି କରିଛନ୍ତି। ସେଥିପାଇଁ ଏହି ଉଲ୍ ବୁଣା କଣ୍ଟା ବହୁତ ହାଲ୍‌କା। ତେଣୁ ଏହାକୁ ବ୍ୟବହାର କରି ବୁଣିବାରେ ବିଶେଷ ଅସୁବିଧା ହୁଏ ନାହିଁ। ଏଲିଜାବେଥ୍ ତାଙ୍କ କଲେଜ୍‌ର ଫାଇନାଲ ମେଜର୍ ପ୍ରୋଜେକ୍ଟ ଭାବେ ଏହାକୁ ତିଆରି କରିଥିଲେ। ଆଉ ସେ ଗିନିଜ ଓ୍ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ହାସଲ କଲେ।

